## ସଂକ୍ଷେପରେ

### ୩ ପ୍ରମୁଖ ଦଳ ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ ପାଇଁ ପ୍ରସ୍ତୁତି

**ପାରଳାଖେମୁଣ୍ଡି, ୨୪।୩ (ସ୍ୱ.ପ୍ର.):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନର ପ୍ରାର୍ଥୀପତ୍ର ଦାଖଲ ପାଇଁ ଅନ୍ତିମ ଦିବସ ସୋମବାର ରହିଛି। ଏହି ଦିନ ତିନି ପ୍ରମୁଖ ଦଳ ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ ପାଇଁ ପ୍ରସ୍ତୁତି ହେଉଥିବା ଜଣାପଡିଛି । କଂଗ୍ରେସ ପକ୍ଷରୁ ଦଳୀୟ ପ୍ରାର୍ଥୀ ଭାବେ ବିଧାୟକ କେ.ସୁରିୟା ରାଓ ପ୍ରାର୍ଥୀପତ୍ର ଦାଖଲ ପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିଥିବା ଜଣାପଡିଛି । ସେ ତାଙ୍କ ସମର୍ଥକଙ୍କ ସହ ସୋମବାର ବୋଲି ଜଣାପଡିଛି । ସେହିପରି ବିଜେଡିର ପ୍ରାର୍ଥୀ ଭାବେ ରାଜକୁମାରୀ କଲ୍ୟାଣୀ ଦେବୀ ନିଜର ସମର୍ଥକଙ୍କ ଗହଣରେ ପ୍ରାର୍ଥୀପତ୍ର ଦାଖଲ କରିବେ। ବିଜେଡିରୁ ଭାଜପାକୁ ଆସିଥିବା ପୂର୍ବତନ ବିଧାୟକ କେ.ନାରାୟଣ ରାଓ ମଧ ସୋମବାର ଦଳୀୟ ଟିକେଟ ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବେ ବୋଲି ଜଣାପଡିଛି । ମୋହନା ବିଜେଡି ପ୍ରାର୍ଥୀ ପୂର୍ଣ୍ଣବାସୀ ନାୟକ, ଭାଜପା ପ୍ରଶାନ୍ତ ମଲ୍ଲିକ ଏବଂ କଂଗ୍ରେସ ପ୍ରାର୍ଥୀ ଦାଶରଥି ଗମାଙ୍ଗ ମଧ ଅନ୍ତିମ ଦିବସରେ ପ୍ରାର୍ଥୀପତ୍ର ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି।

### ନିର୍ବାଚନ ତାଲିମ କାର୍ଯ୍ୟକ୍ରମରେ ଯୋଗ ନ ଦେଲେ କାର୍ଯ୍ୟାନୁଷ୍ଠାନ

**ରାୟଗଡା ଅଫିସ୍, ୨୪।୩:** ସାଧାରଣ ନିର୍ବାଚନକୁ ସୁଚାରୁ ରୂପେ ଆୟୋଜନ ପାଇଁ ଜିଲାରେ କାର୍ଯ୍ୟରତ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀମାନଙ୍କ ପ୍ରଥମ ପର୍ଯ୍ୟାୟ ତାଲିମ ଶେଷ ହୋଇଛି । ଗତ ୨୩ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ରାୟଗଡା, କୋଲନରା, ଗୁଣପୁର, ବିଷମକଟକରେ ଆୟୋଜିତ ହୋଇଛି । ଏହା ଆସନ୍ତା ୨୭ ତାରିଖରେ ଶେଷ ହେବ । ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ନିର୍ବାଚନ ଦାୟିତ୍ୱରେ ନିୟୋଜିତ ସମସ୍ତ ସରକାରୀ କର୍ମଚାରୀଙ୍କୁ ତାଲିମରେ ଅଂଶଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିରୁ ଖିଲାପ କଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ନିର୍ବାଚନ ଆଇନ୍ ୧୯୯୧ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିସହ ଆବଶ୍ୟକସ୍ଥଳେ ଗିରଫ ପରୱାନା ଜାରି କରାଯିବ ବୋଲି ଜିଲାପାଳ ପ୍ରମୋଦ କୁମାର ବେହେରା କହିଛନ୍ତି ।

### ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ଚନ୍ଦାହାଣ୍ଡି, ୨୪।୩(ଡି.ଏନ.ଏ):** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ଧୋଡିପାଣି ପଞ୍ଚାୟତରେ ବ୍ଲକ ମହିଳା ବିଜୁ ଜନତା ଦଳ ତରଫରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ମହିଳା ବିଜୁ ଜନତା ଦଳ ବ୍ଲକ ସଭାପତି ଦୌପଦି ସୌରୀଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲା ମହିଳା ବିଜୁ ଜନତା ଦଳର ଉପସଭାପତି ତଥା ଜିଲା ପରିଷଦ ଉପାଧକ୍ଷା ନିବେଦିତା ମହାନ୍ତି ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଧୋଡିପାଣି ଗ୍ରାମର ଘରେ ଘରେ ବୁଲି ଘର ଆଗରେ ଶଙ୍ଖ ଚିହ୍ନର ପୋଷ୍ଟର ମାରିବା ସହ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ସହଯୋଗ କରିବା ପାଇଁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରମିଳା ପୁଜାରୀ, ସମିତି ସଭ୍ୟା ସନ୍ଧ୍ୟାରାଣୀ ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ନାୟକ, ପୂର୍ବତନ ଉପାଧକ୍ଷା ନିଳେନ୍ଦ୍ରୀ ଗୌଡ, ହେମ ଦେଇ, ମଦନା ଗହିର, ଚାନ୍ଦନୀ ମୁଣ୍ଡା, ଦୀପାଞ୍ଜଳୀ ଜଗତ, ପ୍ରମିଳା ଗୌଡ, ଗୀତାଞ୍ଜଳୀ ମାଝି ପ୍ରମୁଖ ଯୋଗ ଦେଇଥିଲେ।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**ଡାବୁଗାଁ, ୨୪।୩ (ଡି.ଏନ.ଏ.):** ଡାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୨୨୫ ଜଣ ପିଲା ପରୀକ୍ଷା ଦେଇ ଥିଲେ । ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଭାବେ ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ମିଶ୍ର, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ ଅର୍ଚ୍ଚନା ସାମନ୍ତଙ୍କ ଦାୟିତ୍ୱରେ ରହିଥିଲେ। ଏଥିରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାମକୃଷ୍ଣ ମିଶ୍ର ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମହେଶ ଚନ୍ଦ୍ର ଶାହା ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ ।

# ବିଜେଡିକୁ ଫେରିଲେ ସାରଙ୍ଗଧର କାଡ୍ରାକା



ବିଜେଡିରେ ସାମିଲ ହୋଇଥିବା ସାରଙ୍ଗଧର କାଡ୍ରାକା ।

**ଗୁଣପୁର/ବିଷମକଟକ/ମୁନିଗୁଡା,୨୪।୩(ଡି.ଏନ.ଏ)**

ରାୟଗଡା ଜିଲା ବିଷମକଟକ ଅଞ୍ଚଳର ଭାଜପା ଆଶାୟୀ ପ୍ରାର୍ଥୀ ସାରଙ୍ଗଧର କାଡ୍ରାକା ପୁଣି ଥରେ ବିଜେଡିକୁ ଫେରିଛନ୍ତି। ଦଳ ତାଙ୍କୁ ଟିକେଟ ପ୍ରଦାନ ନ କରି ଜିଲାସଭାପତି ଶିବ ଶଙ୍କର ଉଲ୍ଲାକାଙ୍କୁ ପ୍ରାର୍ଥୀ କରିଛି । ଯାହାକୁ ନେଇ ସାରଙ୍ଗଧର ଅସନ୍ତୋଷ ରହିଥିଲେ। ଶେଷରେ ସେ ରବିବାର ଭାଜପା ଛାଡି ବିଜେଡିରେ ଯୋଗ ଦେଇଛନ୍ତି । ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସେ ଦଳରେ ମିଶିଛନ୍ତି । ସୂଚନାଯୋଗ୍ୟ, ୧୯୮୯ରେ ସେ ଜନତା ଦଳରେ ଯୋଗ ଦେଇଥିଲେ । ୧୯୯୦ରେ ବିଷମକଟକ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ୧୯୯୫ରେ ସେ ହାରି ଯାଇଥିଲେ । ୨୦୦୦ରେ ଭାଜପା ବିଜେଡି ମେଣ୍ଟର ବିଜେଡି ପ୍ରାର୍ଥୀ ହିସାବରେ ସେ ପୁଣି ଥରେ ୨ୟ ଥର ପାଇଁ ବିଧାୟକ ହୋଇଥିଲେ । ୨୦୦୪ରେ ହାରି ଯାଇଥିଲେ । ୨୦୦୯ରେ ବିଜେଡି ତାଙ୍କୁ ପ୍ରାର୍ଥୀ ନ କରିବାରୁ ସ୍ୱାଧୀନ ଭାବେ ଲଢି ୬୧୮୪ ଖଣ୍ଡ ଭୋଟ ପାଇଥିଲେ । ସେ ପୁଣି ଥରେ ବିଜେଡିକୁ ଫେରିଥିଲେ । ହେଲେ ୨୦୧୪ ନିର୍ବାଚନରେ ବିଜେଡି ତାଙ୍କୁ ଟିକେଟ ପ୍ରଦାନ ନ କରିବାରୁ ସେ ଭାଜପାରେ ସାମିଲ ହୋଇଥିଲେ। ଗତ ନିର୍ବାଚନରେ ୧୮,୪୧୫ ଖଣ୍ଡ ଭୋଟ ପାଇଥିଲେ । ୨୦୧୯ରେ ଭାଜପାର ଆଶାୟୀ ପ୍ରାର୍ଥୀ ରହିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ବିଶ୍ୱ ବନ ଦିବସରେ ସଚେତନତା ଶୋଭାଯାତ୍ରା

**ପାରଳାଖେମୁଣ୍ଡି, ୨୪।୩(ସ୍ୱ.ପ୍ର.)**

ଗଜପତି ଜିଲା ବନ ବିଭାଗ ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ବନ ଦିବସ ପାଳନ ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାରଳାଖେମୁଣ୍ଡିସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ ବନ ବିଭାଗ କର୍ମଚାରୀ, ବନସୁରକ୍ଷା ସମିତି, ପାରା କର୍ମଚାରୀମାନେ ସାମିଲ ହୋଇ ବନ ସୁରକ୍ଷା, ଚାରା ରୋପଣ, ପ୍ରକୃତି ଓ ପରିବେଶ ସୁରକ୍ଷା ସଂକ୍ରାନ୍ତରେ ସଚେତନତା କରାଇଥିଲେ। ପରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦେବଗିରି ରେଞ୍ଜ ଅଧିକାରୀ ଏମ୍. ନରସିଂହମଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମହନ୍ତ ଶ୍ରୀରାମାନନ୍ଦ ଦାଶଜୀ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ତ୍ରିପତି ପ୍ରସାଦ ପଣ୍ଡା ଓ ପ୍ରଧାନାଚାର୍ଯ୍ୟ ସରୋଜ କୁମାର ପଣ୍ଡା ଯୋଗଦେଇ ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ପ୍ରବନ୍ଧକ ଅନୀତା ପାତ୍ରଙ୍କୁ ବୃକ୍ଷରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସନ୍ତୋଷ ପରିଚ୍ଛା, ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ସୁପରିଚାଳନା କରିଥିଲେ।

# ପାଇପ ଜଳ କର୍ମଚାରୀ ସଂଘ ବୈଠକ

**ରାୟଗଡା ଅଫିସ୍, ୨୪।୩**

ରାୟଗଡା ଜନସ୍ୱାସ୍ଥ୍ୟ ବିଭାଗ ପରିସରରେ ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ମନୋଜ କୁମାର ମହାନ୍ତି ପୌରହିତ୍ୟ କରିଥିଲେ । ଏଥିସହ କର୍ମଚାରୀମାନଙ୍କ ବିଭିନ୍ନ ଦାବି ଓ ସମସ୍ୟା ଉପରେ ମଧ ଆଲୋଚନା କରାଯାଇଥିଲା। ଏହା ପୂରଣ ନିମନ୍ତେ ପ୍ରସ୍ତାବ ଗୃହିତ ହୋଇଥିଲା । ଏହି ଅବସରରେ ଖଣ୍ଡ ସମ୍ପାଦକ ଆପନା ନାୟକଙ୍କ ଅବସରପରେ ଖାଲି ପଡିଥିବା ପଦବୀ ନିମନ୍ତେ ନିର୍ବାଚନ ହୋଇଥିଲା। ଏଥିରେ ସହରାଞ୍ଚଳ ପାନୀୟ ଜଳ ଯୋଗାଣର ଖଣ୍ଡ ସମ୍ପାଦକ ଭାବେ ଗଣେଶ ଚନ୍ଦ୍ର ଦାସ, ଶାଖା ସମ୍ପାଦକ ପ୍ରକାଶ ଚନ୍ଦ୍ର ପାଢ଼ୀ, ସହ ସମ୍ପାଦକ ଦେବରାଜ ଜାକକା, କୋଷାଧକ୍ଷ ଏସ୍.କୁରୁମା ରାଓ, ଖଣ୍ଡ ସମ୍ପାଦକ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ରମେଶ ଚନ୍ଦ୍ର ବିଡିକା, ଜିଲା ସଭାପତି ନାୟକ, ଆବାହକ ଭାବେ ରାଜ କିଶୋର ପଣ୍ଡା ନିର୍ବାଚିତ ହୋଇଥିଲେ ।



ବୈଠକରେ ଯୋଗଦେଇଥିବା ସଂଘର କର୍ମକର୍ତ୍ତା।



## ପୁରସ୍କାର ବିତରଣ ଉତ୍ସବ

**ଗୁଡ଼ାରୀ,୨୪।୩(ଡ଼ି.ଏନ.ଏ)**

ଗାୟତ୍ରୀ ପରିବାର ଗୁଡ଼ାରୀ ଶାଖା ତରଫରୁ ଅନୁଷ୍ଠିତ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ରବିବାର ପୁରସ୍କୃତ କରାଯାଇଛି । ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ପ୍ରଭାକର ରଥ, ପ୍ରତାପକେଶରୀ ଦେଓ, ପ୍ରଳୟ କୁମାର ସାହୁ ଏବଂ ଅଧ୍ୟାପକ ହିମାଚଳ ବେହେରା ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ହରିହର ମହାରଣା ଓ ଜିଲାସ୍ତରୀୟ କର୍ମକର୍ତ୍ତା ଶିଶିର କୁମାର ମିଶ୍ର ପରିଚାଳନା କରିଥିଲେ ।

## ଆଜି କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ରାୟଗଡା ଅଫିସ୍, ୨୪।୩**

ଜିଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରେ କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ୨୫ ଓ ୨୬ରେ ହେବ । ଏପ୍ରିଲ୍ ପହିଲା ସୁଦ୍ଧା ୯ରୁ ୧୨ବର୍ଷର ବାଳିକାବାଳକ ଦୌଡକୁଦ, ତୀରନ୍ଦାଜ, ଫୁଟବଲ, ବାସ୍କେଟବଲ, ଜିମ୍ନାଷ୍ଟିକ, ହକି, ଭଲିବଲ୍, କୁସ୍ତି, ଭାରତ୍ତୋଳନ ଓ ସନ୍ତରଣ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ । ଏଥିପାଇଁ ରାୟଗଡା ଜିଲାର ୨୨ଟି ସ୍କୁଲକୁ ମନୋନୀତ କରାଯାଇଛି। ଜିଲାସ୍ତରୀୟ ଚୟନ ପ୍ରକ୍ରିୟା ଜିସିଡି ହାଇସ୍କୁଲ ଖେଳ ପଡିଆଠାରେ ହେବ । ୧୪ବର୍ଷରୁ କମ୍ ବୟସର ଖେଳାଳି ଯେଉଁମାନେ ପୂର୍ବରୁ ଅନ୍ତଃଜିଲା କିମ୍ବା ଅନ୍ତଃରାଜ୍ୟ ପ୍ରତିଯୋଗିତାରେ ଭାଗ ନେଇଛନ୍ତି, ସେମାନେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେଇପାରିବେ ।

## ଜିଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ।

**ପାରଳାଖେମୁଣ୍ଡି, ୨୪।୩ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି । ଯକ୍ଷ୍ମା ରୋଗ ବିଭାଗ ଅଧିକାରୀ ଡାକ୍ତର ରବି ନାରାୟଣ ଦାସଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଗୁନୁରାଣୀ ପଟ୍ଟନାୟକ ଯୋଗଦେଇ ଏହି ରୋଗର ଲକ୍ଷଣ ଓ ନିରାକରଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ରୋଗ ଚିହ୍ନଟ ହେବା ପରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ନିୟମିତ ଔଷଧ ଖାଇଲେ ରୋଗରୁ ଉପଶମ ମିଳିପାରିବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯକ୍ଷ୍ମାରୋଗ ବିଶେଷଜ୍ଞ ଡାକ୍ତର ଏନ୍.ରବିବାବୁ, ଡାକ୍ତର ଭି.ଲୋକନାଥ ରାଜୁ, ବରିଷ୍ଠ ପରାମର୍ଶଦାତା ଡାକ୍ତର ପି.କେ. ପାତ୍ର, ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡାକ୍ତର ରମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଯକ୍ଷ୍ମାରୋଗ କିପରି ବ୍ୟାପିଥାଏ ଏବଂ ଏଥିପାଇଁ କିପରି ସତର୍କ ହେବା ଆବଶ୍ୟକ ସେ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ଯକ୍ଷ୍ମା ରୋଗ ପରୀକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା । ଯକ୍ଷ୍ମା ରୋଗ କିଭଳି ବ୍ୟାପେ, ତାର ଲକ୍ଷଣ ଓ ନିରାକରଣ ଉପରେ ସଚେତନତା ପୋଷ୍ଟରମାନ ଲଗାଯାଇଥିଲା ।

# ଅବକାରୀ ଚଢ଼ାଉ, ୩ ଗିରଫ

**ପାରଳାଖେମୁଣ୍ଡି, ୨୪।୩ (ସ୍ୱ.ପ୍ର.)**

ଗଜପତି ଜିଲାପାଳ ଅନୁପମ ଶାହା ଏବଂ ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ଜିଲାର ବିଭିନ୍ନ ସ୍ଥାନରେ ଅବକାରୀ ଧରପଗଡ କରାଯାଇଛି । ଅବକାରୀ ନିରୀକ୍ଷକ ପଦ୍ମଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଜିଲାର ଲାଞ୍ଜିପଦର, ସାନଦେଉଳା, ନାରାୟଣପୁର, ରାୟଗଡ, ଖରଷଣ୍ଡା, ନାମନଗଡ, ସୀତାପୁର, ସନ୍ତୋଷପୁରରେ ଚଢାଉ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ



ସାନଦେଉଳା ଗ୍ରାମର ରମା ଶବର, ଖରଷଣ୍ଡା ଗ୍ରାମର ଅନୁସୟା ମାଳି ଓ ନିମ ପାଣି। ରମାଙ୍କଠାରୁ ୧୦ଲିଟର ଦେଶୀ ରନ୍ଧା ମହୁଲି ମଦ, ଅନୁସୟାଙ୍କଠାରୁ ୫ଲିଟର ଓନିମ ପାଣଙ୍କଠାରୁ ୧୦ଲିଟର ମଦ ଜବତ ହୋଇଛି। ସେହିପରି ୬୫୦କେଜି ମହୁଲ ଓ ଗୁଡ ମିଶ୍ରିତ ପୋଚ ହାଣ୍ଡି ଭାଙ୍ଗି ନଷ୍ଟ କରାଯାଇଛି । ଏସବୁର ଆନୁମାନିକ ମୂଲ୍ୟ ୪୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ଚଢାଉରେ ପାରଳାଖେମୁଣ୍ଡି ଅବକାରୀ ବିଭାଗର ଅଧିକାରୀ ରବିନ୍ଦ୍ରନାଥ ପ୍ରଧାନ, ଭ୍ରାମ୍ୟମାଣ ଉପନିରୀକ୍ଷକ ଚନ୍ଦ୍ରଶେଖର ପଡିହାରୀ, ଏଏସ୍‌ଆଇ. କିଶୋର ଚନ୍ଦ୍ର ରଥ, ମଜି ଶବର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ନିର୍ବାଚନକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଏପରି ଚଢାଉ କରାଯାଇଛି।

# ଗୁଣପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**ଗୁଣପୁର,୨୪।୩(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ୨ୟ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଗୁଣପୁର ବ୍ଲକ ଶିକ୍ଷା ଅଧିକାରୀ ବେଣୁଧର ଜାଲି ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ତଥା କବି ପ୍ରତାପଚନ୍ଦ୍ର ରାୟ ମୁଖ୍ୟବକ୍ତା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ସମିତି ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷା ଗ୍ରହଣ ସହ ଚରିତ୍ର ଗଠନ ଛାତ୍ରୀଛାତ୍ରଙ୍କ ରହିବା ଦରକାର ବୋଲି ଅତିଥିମାନେ କହିଥିଲେ । ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଅନୁଷ୍ଠାନ ସଂପାଦକ ଜଗଦିଶ ଶତପଥୀ ମଞ୍ଚାସିନ ଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷୟିତ୍ରୀ ସାଗରିକା ଶତପଥୀ, କ୍ରିଷ୍ଣାବେଣୀ ପଣ୍ଡା, ରୋଜି କୁମାର ପାଇକ, ଚିନ୍ମୟୀ ପଣ୍ଡା, ଶିକ୍ଷକ ଯୋଗେନ୍ଦ୍ର ଶବର, ଅନନ୍ତ କୁମାର ଗୌଡ, ଅଶ୍ୱିନି ତ୍ରିପାଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଆଦର୍ଶ ବିଦ୍ୟାଳୟ ପାଇଁ ପ୍ରବେଶିକା ପରୀକ୍ଷା

**ମୁନିଗୁଡ଼ା/ଗୁଡ଼ାରୀ/ଚନ୍ଦ୍ରପୁର/କୋଲନରା,୨୪।୩(ଡ଼ି.ଏନ.ଏ)**

ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ଥିବା ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ରବିବାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ମୁନିଗୁଡ଼ା ବ୍ଲକ ଖାମରାଗୁଡ଼ାଠାରେ ଥିବା ଆଦର୍ଶ ବିଦ୍ୟାଳୟରେ ବ୍ଲକର ୧୭ଟି ପଞ୍ଚାୟତରୁ ଛାତ୍ରୀଛାତ୍ରମାନେ ପ୍ରବେଶିକା ପରୀକ୍ଷା ଦେଇଛନ୍ତି । ଷଷ୍ଠ ଶ୍ରେଣୀ ପାଇଁ ମୋଟ ୮୦ଟି ସିଟ୍ ଲାଗି ୩୮୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ସେହିପରି ନବମ ଶ୍ରେଣୀ ଲାଗି ୬୮ ସିଟ୍ ପାଇଁ ୧୬ ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଥିବା ଜଣାଯାଇଛି । ଉକ୍ତ ପ୍ରବେଶିକା ପରୀକ୍ଷାକୁ ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ନଳିନୀ ସେଠ୍, ଅଚ୍ୟୁତାନନ୍ଦ ମହାଲିକ, ଶିକ୍ଷକ ଅଶୋକ କୁମାର ମାଣ୍ଡାଙ୍ଗି, ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଭୋଇ, ଅଞ୍ଜୁଲତା ପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସୁଚାରୁ ରୂପେ ପରିଚାଳନା ଓ ସହଯୋଗ କରିଥିଲେ । ସେହିପରି ଗୁଡ଼ାରୀ ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ୨୫୪ ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଛନ୍ତି । ମୋଟ ୨୫୬ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨ ଜଣ ଅନୁପସ୍ଥିତ ଥିଲେ । ବିଦ୍ୟାଳୟ ପ୍ରିନ୍ସପାଲ ଟି. ଯୋଗେଶ ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ତୁଲାଇଥିଲେ । ସେହିପରି ଚନ୍ଦ୍ରପୁରରେ ଷଷ୍ଠ ଶ୍ରେଣୀ ପାଇଁ ୧୯୨ ନବମ ଶ୍ରେଣୀ ପାଇଁ ୧୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ଆଦର୍ଶ ବିଦ୍ୟାଳୟର ପ୍ରିନ୍ସପାଲ ସମୀର କୁମାର ବାଗଙ୍କ ତତ୍ତ୍ୱାବଧାନରେ ପରୀକ୍ଷା ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ଏଥିରେ ଶିକ୍ଷକ ଛାୟାନାଥ ପାଢ଼ୀ, ଅମିତ କୁମାର ସାହୁ, ସରୋଜ କୁମାର ପଟେଲ, ଜଗେଶ୍ୱର ବେହେରା, ରାହୁଲ କୁମାର ସାହୁ, ପ୍ରଦୀପ କୁମାର ଚୌଧୁରୀ, ରାମଚନ୍ଦ୍ର ପାଢ଼ୀ, ଚନ୍ଦ୍ରପୁର ଥାନା ଆଇଆଇସି ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୋଲନରାରେ ଷଷ୍ଠ ଶ୍ରେଣୀ ନିମନ୍ତେ ୧୫୯ ଓ ନବମ ଶ୍ରେଣୀ ପାଇଁ ୨୪ ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଛନ୍ତି । କୋଲନରା ବିଇଓ ଏମ. ଖଗେଶ୍ୱର ରାଓ, ବିଦ୍ୟାଳୟ ପ୍ରିନ୍ସପାଲ ବୃନ୍ଦାବନ ନାୟକଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ଥେରୁବାଲି ଚିନ୍ମୟ ବିଦ୍ୟାଳୟର ୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଜଣାଯାଇଛି ।



ମୁନିଗୁଡ଼ାରେ ପିଲାମାନେ ପରୀକ୍ଷା କେନ୍ଦ୍ରକୁ ଯାଉଛନ୍ତି ।

■ କୋରାପୁଟ, ଲକ୍ଷ୍ମୀପୁର ବିଧାନସଭା ଆସନ

# ପୁରୁଣାଙ୍କୁ ଚେକ୍ ଦେବେ ଅନେକ ନୂଆମୁହଁ

ଅମିତାଭ ବେହେରା
କୋରାପୁଟ,୨୪।୩

କୋରାପୁଟ ଜିଲା ଅଧୀନ କୋରାପୁଟ ଓ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ତିନି ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ନିଜ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। କୋରାପୁଟରେ କଂଗ୍ରେସ ଓ ଭାଜପା ନୂଆମୁହଁ ଦେଇଥିବା ବେଳେ ଲକ୍ଷ୍ମୀପୁରରେ ବିଜେଡି ଓ ଭାଜପା ନୂଆ ପ୍ରାର୍ଥୀଙ୍କୁ ସୁଯୋଗ ଦେଇଛନ୍ତି। ଏହି ଦୁଇଟି ଆସନରେ ପୁରୁଣାଙ୍କୁ ଚେକ୍ ଦେବେ ଅନେକ ନୂଆ ଚେହେରା। ଉଭୟ ଆସନରେ ତ୍ରିମୁଖୀ ଲଢ଼େଇ ସମ୍ଭାବନା ରହିଛି। କୋରାପୁଟରେ ୩ ପ୍ରମୁଖ ଦଳ ପରସ୍ପର ଉପରେ ଭାରୀ ପଡ଼ିବେ। ଲକ୍ଷ୍ମୀପୁରରେ କଂଗ୍ରେସ ଓ ବିଜେଡି ଭିତରେ ମୁଖ୍ୟତଃ ଲଢ଼େଇ ହେବାକୁ ଥିବାବେଳେ ଭାଜପା ନିର୍ଣ୍ଣାୟକ ଭୂମିକା ନେବା ଅନୁମାନ କରାଯାଉଛି।

କୋରାପୁଟ ବିଧାନସଭା ଆସନ ପାଇଁ ବିଜେଡି, କଂଗ୍ରେସ ଓ ଭାଜପା ସେମାନଙ୍କ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ବିଜେଡି ପ୍ରଥମେ ପ୍ରାର୍ଥୀ ଘୋଷଣା କରି କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡାଲଙ୍କୁ ମଇଦାନକୁ ଓହ୍ଲାଇଥିଲା। ରଘୁରାମ କୋରାପୁଟ କ୍ଷେତ୍ର ପାଇଁ ପୁରୁଣା ଓ ରାଜନୀତିରେ ଅଭିଜ୍ଞ ହୋଇଥିବା ବେଳେ ସେ ପୂର୍ବରୁ ବିଧାୟକ ମଧ୍ୟ ନିର୍ବାଚିତ ହୋଇଛନ୍ତି। ୨୦୦୯ ନିର୍ବାଚନରେ ରଘୁରାମ କଂଗ୍ରେସ ଦଳର କୃଷ୍ଣଚନ୍ଦ୍ର ସଗରିଆଙ୍କୁ ପରାସ୍ତ କରି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଯଦିଓ ୨୦୧୪ରେ ଆଶାୟୀ ଥାଇ ମଧ୍ୟ ସେ ଟିକେଟ୍‌ରୁ ବଞ୍ଚିତ ହୋଇଥିଲେ। ତାଙ୍କୁ ପୁଣିଥରେ ସୁଯୋଗ ଦେଇଛି ବିଜେଡି। ଅନ୍ୟପକ୍ଷରେ କଂଗ୍ରେସରୁ ପୂର୍ବତନ କୃଷ୍ଣ (କୃଷ୍ଣଚନ୍ଦ୍ର ସଗରିଆ)ଙ୍କ ପରିବର୍ତ୍ତେ ଜଣେ ନୂଆ କୃଷ୍ଣଙ୍କୁ ପ୍ରାର୍ଥୀ କରିଛି ଦଳ। ସେ ହେଲେ କୃଷ୍ଣ କୁଲଦୀପ। ଟିକେଟ୍ ପାଇଁ କୃଷ୍ଣ ଓ ତାଙ୍କ ପୁଅ ଟୋନକ କୁଲଦୀପ ଆଶାୟୀ ରହିଥିବା ବେଳେ କଂଗ୍ରେସ କୃଷ୍ଣଙ୍କୁ ସୁଯୋଗ ଦେଇଛି। କୃଷ୍ଣ ଜଣେ ଠିକାଦାର ଓ କଂଗ୍ରେସର ସକ୍ରିୟ କର୍ମୀ ଭାବେ କାମ କରିଆସୁଛନ୍ତି। ସେହିପରି ଭାଜପା ତ୍ରିପୁରାରୀ ଗରଡ଼ାଙ୍କୁ ପ୍ରାର୍ଥୀ କରିଛି। ସେ ବିଜେଡିର କୋରାପୁଟ ଜିଲା ଉପସଭାପତି ରହିବା ସହ ଦଳ ପାଇଁ ୮/୯ ବର୍ଷ କାମ କରିଥିଲେ। ସେ ୨୦୦୯ ଏବଂ ୨୦୧୪ରେ ବିଜେଡି ଟିକେଟ୍ ପାଇଁ ଆଶାୟୀ ଥାଇ ମଧ୍ୟ ପାଇନଥିଲେ। ଏଇ ନିକଟରେ ବିଜେଡି ମୋହ ତୁଟାଇ ପଦ୍ମ ଶିବିରରେ ସାମିଲ ହେବା ପରେ ଭାଜପା ତାଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ସୁଯୋଗ ଦେଇଛି। ତ୍ରିପୁରାରୀ ଓ କୃଷ୍ଣ ନିର୍ବାଚନ ମଇଦାନରେ ନୂଆ ଚେହେରା। ତେବେ ଏହି ଆସନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ରାଜନୈତିକ ବିଶେଷଜ୍ଞ ଅନୁମାନ କରୁଛନ୍ତି।


କୃଷ୍ଣ କୁଲ୍‌ଦୀପ


ତ୍ରିପୁରାରୀ ଗରଡ଼ା


ରଘୁରାମ ପଡାଲ

ଲକ୍ଷ୍ମୀପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଭାବେ ବିଜେଡି ପ୍ରଭୁ ଜାନିଙ୍କ ନାମ ଘୋଷଣା କରିଛି। କୋରାପୁଟର ଜିଲା ପରିଷଦ ଅଧ୍ୟକ୍ଷ ଥିବା ପ୍ରଭୁ ବିଧାୟକ ପ୍ରାର୍ଥୀ ଭାବେ ନୂଆମୁହଁ। ସେହିପରି ଏଠାରେ ଭାଜପା ମଧ୍ୟ ଜଣେ ନୂଆମୁହଁଙ୍କୁ ବିଧାୟକ ପ୍ରାର୍ଥୀ କରିଛି। ସେ ହେଲେ ଲକ୍ଷ୍ମୀପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ କୁମୁଦ ସାଉନ୍ତା। ରାଜନୀତିରେ କୁମୁଦଙ୍କ ପରିବାର ପତିଆରା ରହିଛି। କୁମୁଦଙ୍କ ବାପା ମଧ୍ୟ ଜଣେ ରାଜନୈତିକ କର୍ମୀ। ଏକଦା ବିଜେଡି ଶିବିରରେ ଥିବା କୁମୁଦ ୨୦୧୫-୧୬ରେ ଭାଜପା ଶିବିରରେ ସାମିଲ ହୋଇଥିଲେ। କଂଗ୍ରେସ କିନ୍ତୁ ଏହି ଆସନରେ ପ୍ରାର୍ଥୀ ପରିବର୍ତ୍ତନ ନ କରି ଏଠାରୁ ବିଧାୟକ ଥିବା କୈଳାସ ଚନ୍ଦ୍ର କୁଲେସିକାଙ୍କୁ ପୁଣିଥରେ ଟିକେଟ୍ ଦେଇଛି। ବିଧାୟକ ପ୍ରାର୍ଥୀ ଭାବେ ୨ଥର ନିର୍ବାଚନ ମଇଦାନକୁ ଓହ୍ଲାଇଥିବା କୈଳାସ ୨୦୦୯ରେ କଂଗ୍ରେସରେ ଥାଇ ମଧ୍ୟ ଟିକେଟ୍ ନ ମିଳିବାରୁ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ତୃତୀୟ ସ୍ଥାନରେ ରହିଥିଲେ। ସେହିଥର ବିଜେଡିର ଝିନ୍ନ ହିକ୍କା ବିଧାୟକ ନିର୍ବାଚିତ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଥିଲେ କଂଗ୍ରେସର ହେମା ଗମାଙ୍ଗ। ୨୦୧୪ରେ ହେମା ଗମାଙ୍ଗ ବିଜେଡି ଶିବିରରେ ଯୋଗଦେଇ ଲକ୍ଷ୍ମୀପୁରରୁ ପ୍ରାର୍ଥୀ ହେବା ପରେ କଂଗ୍ରେସର ପ୍ରାର୍ଥୀ ହୋଇଥିଲେ କୈଳାସ କୁଲେସିକା। ହେମାଙ୍କୁ ୩୦,୯୫୬ ଭୋଟ୍ ମିଳିଥିବା ବେଳେ କୈଳାସ ୫୩,୪୨୯ ଭୋଟ୍ ପାଇଁ ବିଜୟୀ ହୋଇଥିଲେ। ୨୦୧୯ରେ ତୃତୀୟଥର ପାଇଁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି କୈଳାସ।


ପ୍ରଭୁ ଜାନୀ


କୈଳାସ କୁଲେସିକା


କୁମୁଦ ସାଉନ୍ତା

## ନେତାଙ୍କ ସହ ଚାଲିଛି କର୍ମୀଙ୍କ ଦଳବଦଳ

■ କଂଗ୍ରେସ ଶିବିରରେ ବିଜେଡି କାଉନସିଲରଙ୍କ ସମେତ ୩୦ କର୍ମୀ
■ ବିଜେଡିରେ ମିଶିଲେ ଯୁବ କଂଗ୍ରେସ କର୍ମୀ

ଜୟପୁର/ସେମିଳିଗୁଡ଼ା, ୨୪।୩(ଡି.ଏନ୍.ଏ./ନି.ପ୍ର./ସ୍ୱ.ପ୍ର.)

ନିର୍ବାଚନ ଯେତିକି ନିକଟତର ହେଉଛି, ନେତାଙ୍କ ସହ ସମତାଳରେ କର୍ମୀମାନେ ମଧ୍ୟ ଦଳ ବଦଳାଉଛନ୍ତି। ଜୟପୁର ନିର୍ବାଚନ ମଣ୍ଡଳୀରେ ଏହି ପ୍ରକ୍ରିୟା ଅଧିକ ଜୋର୍ ଧରିଛି। ବିଜେଡି ଦଳର ପୂର୍ବତନ କାଉନସିଲର ରାଧାମୋହନ ଗୌଡ଼ ରବିବାର ନିଜ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗ ଦେଇଛନ୍ତି। ତାଙ୍କୁ ବିଧାୟକ ତାରା ପ୍ରସାଦ ବାହିନୀପତି ଫୁଲମାଳ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି । ସେହିପରି ବାରିଣିପୁଟ ପଞ୍ଚାୟତ ମୁଣ୍ଡିଗୁଡ଼ାର ୫୦ରୁ ଊର୍ଦ୍ଧ୍ୱ ଯୁବକ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ଗତ ଶନିବାର ମଧ୍ୟ ଜୟପୁର ବ୍ଲକ ଅନ୍ତର୍ଗତ ଗଡ଼ପଦର ଗ୍ରାମର ସମିତି ସଭ୍ୟା ମକର ଦିସାରିଙ୍କ ସହ ୫ ଜଣ କର୍ମୀ ବିଜେଡି ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି। ବରିଷ୍ଠ ନେତା ପ୍ରଦୀପ କୁମାର ରାୟ, ଖଗପତି ମାଳି, ଚୈତନ୍ୟ ମୁଦୁଲି, ମିରନ ମାଳି, ଶରତ ହଲବା ଶନିବାର ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ନୀତି, ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟ ଦେଖି କଂଗ୍ରେସରେ ଯୋଗ ଦେଇଛନ୍ତି। ତାରାପ୍ରସାଦ ବାହିନୀପତିଙ୍କ ଜୟପୁର ବାସଭବନରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ନିହାର ବିଶୋଇ, ନରେନ୍ଦ୍ର ମହାନ୍ତି, ବସନ୍ତ ନାୟକ, ଭସ୍କର ପଟ୍ଟନାୟକ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ କଂଗ୍ରେସର ପୂର୍ବତନ କାଉନସିଲର ସନ୍ତୋଷୀ ପୂଜାରୀ, ଲୋକସଭା କ୍ଷେତ୍ର ପୂର୍ବତନ ଯୁବ ଉପସଭାପତି କାଲୁ ଶର୍ମା, ମୋଟର ଗ୍ୟାରେଜ ସଂଘର ପୂର୍ବତନ ସଭାପତି ଏଲ୍. କୁଚ୍ଚି ଓ ତାଙ୍କର ଅନ୍ୟ ସମର୍ଥକ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିର ବିଧାୟକ ପ୍ରାର୍ଥୀ ହୋଇଥିବା ରଘୁରାମ ପଡାଲଙ୍କ ସେମିଳିଗୁଡ଼ା ବାସଭବନରେ ସୁନାବେଡ଼ା ଓ ଚର୍ଚ୍ଚ କଲୋନିର ଅନେକ ଯୁବ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ସୁଶାନ୍ତ ପଟ୍ଟନାୟକ, ସୟ ଆଇକତ, ଜଗନ୍ନାଥ ମହାରଣା, ନଟବର ଲାଲ ବିଶ୍ୱାସ, ମଣ୍ଟୋସ ପଡାଲ, ରେଶମା ଦଳାଇ, ଅମିତ ବେହେରା, ସୁନିଲ ବାଘ, ଭୋଲୁ କୁଳଦିପ, ସୁବିର ଗରଡ଼ା, ମୁକେଶ ଡାଉରି, ପରହିତ ହିଆଲ, ସୁନିଲ ଖୋସଲା, ଡେଭିଡବୁନ କୁଳଦିପ।

# ପୁଅର ସଫଳତା ପାଇଁ ଅଣ୍ଟା ଭିଡ଼ିଲେ ହେମା

■ ଆଜି ରାମମୂର୍ତ୍ତି, ଶିଶିର, ପୁରୁଷୋତ୍ତମ କରିବେ ପ୍ରାର୍ଥିପତ୍ର ଦାଖଲ

ଗୁଣପୁର,୨୪।୩(ଡିଏନ.ଏ): ସୋମବାର ନାମାଙ୍କନ ପତ୍ର ଦାଖଲ ସରିବା ପରେ ପ୍ରାର୍ଥୀମାନେ ଭୋଟର ମୁହାଁ ହେବେ । ଏଥିଲାଗି ସେମାନେ ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଛନ୍ତି । ଗୁଣପୁର ନିର୍ବାଚନମଣ୍ଡଳୀ ଲାଗି ଭାଜପା ଏଥର ଶିଶିର ଗମାଙ୍ଗଙ୍କୁ ପ୍ରାର୍ଥୀ କରାଇଛି । ଏହାକୁ ନେଇ ଆଶାୟୀ ଥିବା ରାମମୂର୍ତ୍ତି ମୁଛିକା ଏବଂ ତାଙ୍କର ସମର୍ଥକ , ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହି ଅସନ୍ତୋଷକୁ ଶାନ୍ତ କରିବା ପାଇଁ ଆରମ୍ଭ ହୋଇଛି ପ୍ରୟାସ । ପୁତ୍ର ଶିଶିରଙ୍କ ସଫଳତା ପାଇଁ ମାଆ ତଥା ପୂର୍ବତନ ଏମପି ହେମା ଗମାଙ୍ଗ ଅଣ୍ଟା ଭିଡ଼ିଛନ୍ତି । ଦୁଇ ଦିନ ହେବ ହେମା ଅସନ୍ତୋଷ ଦଳୀୟ କର୍ମକର୍ତ୍ତାମାନଙ୍କୁ ଭେଟି ପୁଅ ଶିଶିରଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି । ତେବେ ହେମାଙ୍କ ଅନୁରୋଧ କୌଣସି ପ୍ରଭାବ ପଡି ନ ଥିବା ଜଣାପଡିଛି । ରାମମୂର୍ତ୍ତି ତାଙ୍କ ସମର୍ଥକ ଏବଂ ଦଳୀୟ କର୍ମକର୍ତ୍ତାମାନେ ନିଜ ଜିଦ୍‌ରେ ଅଟଳ ଥିବାବେଳେ ସୋମବାର ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ଏଥିସହ ଦଳୀୟ କର୍ମକର୍ତ୍ତାଙ୍କ ବ୍ୟତିତ ପୂର୍ବରୁ ଦଳଠାରୁ ଦୁରେଇ ରହିଥିବା କର୍ମୀ ଏବଂ ନେତାଙ୍କ ସହ ଯୋଗାଯୋଗ କରୁଛନ୍ତି ହେମା । ହେମା ଗମାଙ୍ଗ ବିଜେଡି ଛାଡିବା ପରେ କଂଗ୍ରେସ ସହ ଯୋଗାଯୋଗ କରି ବିଫଳ ହୋଇଛନ୍ତି । ତାଙ୍କୁ କୌଣସି ଦଳରୁ ପ୍ରାର୍ଥୀ ହେବାକୁ ସୁଯୋଗ ମିଳି ନାହିଁ । ଶେଷରେ ପୁଅକୁ ସହଯୋଗ କରିବା ବ୍ୟତିତ ତାଙ୍କ ନିକଟରେ ଅନ୍ୟ କୌଣସି ବିକଳ୍ପ ନାହିଁ । ହେଲେ ହେମା ସମସ୍ତଙ୍କୁ ସାଥୀରେ ନେଇ କାମ କରିବା ଆଶା ପୂରଣ ହେଉଛି ନା ନାହିଁ, ନିର୍ବାଚନ ବୈତରଣୀ କିପରି ସଫଳତାର ସହ ସେ ପାରି କରାଉଛନ୍ତି, ତାହା ଏବେ ଦେଖିବାକୁ ବାକି ରହିଲା । ଅନ୍ୟପଟେ ଗତ ଗୁରୁବାର ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ବିଜେଡ଼ି ପ୍ରାର୍ଥୀ ରଘୁନାଥ ଗମାଙ୍ଗ ପ୍ରାର୍ଥିପତ୍ର ଦାଖଲ କରି ସାରିଥିବାବେଳେ ଅନ୍ୟ କୌଣସି ଦଳର ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିନାହାନ୍ତି । ସୋମବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ହୋଇଥିବାରୁ ସମସ୍ତ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିବେ । ଭାଜପାରୁ ଶିଶିର ଗମାଙ୍ଗ , କଂଗ୍ରେସରୁ ପୁରୁଷୋତ୍ତମ ଗମାଙ୍ଗ ପ୍ରାର୍ଥୀପତ୍ର ଦାଖଲ କରିବେ । ସେହିପରି ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ଭାବେ ବିଧାୟକ ତ୍ରିନାଥ ଗମାଙ୍ଗ, ଭାଜପାର ବିଦ୍ରୋହୀ ପ୍ରାର୍ଥୀ ଭାବେ ପୂର୍ବତନ ବିଧାୟକ ରାମମୂର୍ତ୍ତି ମୁଛିକା ପ୍ରାର୍ଥିପତ୍ର ଦାଖଲ କରିବେ । କଂଗ୍ରେସ ପକ୍ଷରୁ ବିଦ୍ରୋହି ପ୍ରାର୍ଥୀ ଭାବେ ଉଷା ଗମାଙ୍ଗ, ଭାସ୍କର ଜାଗରଙ୍ଗା, ନାଜିତ ରଇତ, ନିଲମ୍ବିତ ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀ ଶବର ପ୍ରମୁଖ ମଧ୍ୟ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଶୁଣିବାକୁ ମିଳିଛି ।


ତ୍ରିନାଥ ଗମାଙ୍ଗ


ପୁରୁଷୋତ୍ତମ ଗମାଙ୍ଗ


ଶିଶିର ଗମାଙ୍ଗ


ରାମମୂର୍ତ୍ତି ମୁଛିକା

# ସ୍ୱାସ୍ଥ୍ୟସେବାକୁ ପ୍ରସଙ୍ଗ କରିଛନ୍ତି ୩ ଦଳ

ନବରଙ୍ଗପୁର,୨୪।୩(ବି.ପ୍ର.)

ନିର୍ବାଚନୀ ଫୋକସ

ନବରଙ୍ଗପୁର ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ବିଶେଷଜ୍ଞ ଓ ଡାକ୍ତର ଅଭାବ ଲାଗି ଅନେକ ଲୋକ ଚିକିତ୍ସା ଅଭାବରୁ ଅକାଳରେ ଜୀବନ ହାରୁଛନ୍ତି। ଜିଲାରେ ଡାକ୍ତର ନିଯୁକ୍ତି ପାଇଁ ସରକାରଙ୍କ ନିକଟକୁ କେତେ ଯେ ଅଭିଯୋଗ ଯାଇଛି। କିନ୍ତୁ ତିଳେ ମାତ୍ର ସେଥିପ୍ରତି କାହାର ନଜର ପଡିଲା ନାହିଁ। ତେବେ ସ୍ୱାସ୍ଥ୍ୟ ସେବାକୁ ନେଇ ପ୍ରମୁଖ ତିନିଦଳ କଂଗ୍ରେସ, ଭାଜପା ଓ ବିଜେଡି ଚଳିତ ସାଧାରଣ ନିର୍ବାଚନରେ ପ୍ରସଙ୍ଗ କରି ନିର୍ବାଚନ ପ୍ରଚାର କରୁଛନ୍ତି । ଜିଲାରେ କର୍କଟ ରୋଗୀଙ୍କ ପାଇଁ କେମୋଥେରାପି, କିଡନୀ ରୋଗୀଙ୍କ ପାଇଁ ଡାଇଲେସିସ୍, ମାଗଣା ସ୍ୱାସ୍ଥ୍ୟ ସେବା, ନିରାମୟ ଯୋଜନାରେ ମାଗଣା ଔଷଧ, ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସବଡିଭିଜନ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା, ବ୍ଲଡବ୍ୟାଙ୍କ ପ୍ରତିଷ୍ଠା, ଜିଲାରେ ୨୫ଟି ସ୍ଥାନରେ ଡିଜିଟାଲ ଡିସପେନସାରୀ ଭଳି ଅନେକ ସୁବିଧା କରାଯାଇଥିବା କହି ବିଜେଡି ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରୁଛି। ଅନ୍ୟପକ୍ଷରେ ଭାଜପା ଓ କଂଗ୍ରେସ ଡାକ୍ତର ଏବଂ ବିଶେଷଜ୍ଞ ଅଭାବ କଥା ଉଠାଇବା ସହ ରୋଗୀ ସେବା ନପାଇ ଡାକ୍ତରଖାନାଗୁଡିକ ରେଫେରାଲ ସେଣ୍ଟର ଭାବେ ବ୍ୟବହାର କରାଯାଉଥିବା ଅଭିଯୋଗ ଆଣୁଛନ୍ତି । କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ସରକାର ଲାଗୁ କଲେ ନାହିଁ । ରୋଗୀ ସେବା ପାଇବାରୁ ବିଜେଡି ସରକାର ବଞ୍ଚିତ କରୁଛନ୍ତି । ଏହି ଯୋଜନା ଓଡିଶାରେ ଲାଗୁ କଲେ ଦଳ କରିଥିବା ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ଫସର ଫାଟିଯିବ ବୋଲି ଭାଜପା କହୁଛି । ଜିଲାରେ ବିଶେଷଜ୍ଞ ଓ ଡାକ୍ତର ଅଭାବ ଲାଗି ଦିବ୍ୟାଙ୍ଗମାନେ ସାର୍ଟି ଫିକେଟ ପାଇବାରୁ ବଞ୍ଚିତ ହେଉଛନ୍ତି । ଏହା ଦ୍ୱାରା ଦିବ୍ୟାଙ୍ଗମାନେ ସରକାରଙ୍କ ଅନେକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ବୋଲି କଂଗ୍ରେସ ପକ୍ଷରୁ କୁହାଯାଉଛି । ୩ ଦଳ ସ୍ୱାସ୍ଥ୍ୟସେବାକୁ ନିର୍ବାଚନୀ ପ୍ରସଙ୍ଗ କରିଥିବା ବେଳେ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାରେ ଡାକ୍ତର ଓ ବିଶେଷଜ୍ଞ ଅଭାବ ସହ ବେଡ ସଂଖ୍ୟା ବୃଦ୍ଧି ପାଇଁ ଦାବୀ ହୋଇ ଆସୁଥିଲେ ମଧ ଏଯାଏ ହୋଇ ପାରିଲା ନାହିଁ । ଉମରକୋଟ ଠାରେ ନୂତନ ବ୍ଲଡ ବ୍ୟାଙ୍କ ଆରମ୍ଭ ହେଲାନାହିଁ । ସବଡିଭିଜନାଲ ଡାକ୍ତରଖାନା ଭାବେ ଡାକ୍ତର ଓ ବିଶେଷଜ୍ଞ ନିଯୁକ୍ତି ନାହାନ୍ତି । ଏନେଇ ଆନ୍ଦୋଳନ, ରାସ୍ତାରୋକୋ, ଅନଶନ ସବୁକିଛି ହୋଇ ସାରିଛି ,ତଥାପି ଲୋକ ପ୍ରତିନିଧି ଓ ବାହାବାଃ ମାରୁଥିବା ମଙ୍ଗୁଆଳଙ୍କ ଆନ୍ତରିକତା ଜିଲାର ସ୍ୱାସ୍ଥ୍ୟ ସେବା ପାଇଁ କଣ ରହିଛି ତାହା ଏଥର ଭୋଟର ଜବାବ ଦେବେ ।ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟ ବିଭାଗରେ ୮ ଜଣ ଅଧିକାରୀ ପରିବର୍ତ୍ତେ ୬ ଜଣ ରହିଛନ୍ତି । ଜିଲା ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ୮୬ ଜଣ ବିଶେଷଜ୍ଞ ପଦବୀ ସ୍ଥଳେ ମାତ୍ର ୧୭ ରହିଛନ୍ତି । ସେହିଭଳି ଜିଲା ସଦର ମହକୁମା ଡାକ୍ତରଖାନାରେ ୪୮ ଜଣ ଡାକ୍ତର ପଦବୀରୁ ୧୨ ଜଣ ରହିଛନ୍ତି । ୧୧ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୪୧ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଜିଲାରେ ରହିଛି । ୧୯୦ ଜଣ ଡାକ୍ତର ଆବଶ୍ୟକ ରହିଥିବା ବେଳେ ଅଛନ୍ତି ମାତ୍ର ୧୦୧ ଜଣ ଡାକ୍ତର । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪୫ ବିଶେଷଜ୍ଞ ପଦବୀ ରହିଛି। ତେବେ ୧୧ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାତ୍ର ୫ ଜଣ ବିଶେଷଜ୍ଞ ଡାକ୍ତର ରହିଛନ୍ତି। ୨୫ଟି ଡିଜିଟାଲ ଡିସପେନସାରୀ ମଧ୍ୟରୁ ୩ଟି କାର୍ଯ୍ୟକାରୀ ହୋଇ ପାରୁ ନାହିଁ। ମାଆ ଓ ଶିଶୁ ଚିକିତ୍ସା ପାଇଁ ୨ କୋଟି ବ୍ୟୟରେ (ଏମସିଏମଚ) କୋଠା ନିର୍ମାଣ ହେଲା । ଉଦଘାଟନ କରାଯାଇ ୨ ବର୍ଷ ବିତିଲା । ସେଠାରେ ବେଡ ଖଣ୍ଡେ ପଡିଲା ନାହିଁ ଓ ରୋଗୀ ଚିକିତ୍ସା ସୁବିଧା ମିଳି ପାରିଲା ନାହିଁ। ଏଭଳି ପରିସ୍ଥିତିରେ ବିଜେଡି ଜିଲାରେ ଉତ୍ତମ ସ୍ୱାସ୍ଥ୍ୟସେବା କଥା କିଭଳି କହୁଛି ବୋଲି କଂଗ୍ରେସ ଓ ଭାଜପା ପ୍ରସଙ୍ଗ କରିଛନ୍ତି।

# ପ୍ରାର୍ଥୀଙ୍କୁ ନେଇ ଭାଜପାରେ ବିଦ୍ରୋହ

■ ପ୍ରାର୍ଥୀ ଚୟନରେ ଜୟରାମ ପାଙ୍ଗୀଙ୍କ ହାତ: କର୍ମୀ
■ ପ୍ରାର୍ଥୀ ସଂଘ ଚୟନ କରିଛି: ପାଙ୍ଗୀ

ଜୟପୁର,୨୪।୩(ଡି.ଏନ୍.ଏ.)

କୋରାପୁଟ ଜିଲାର ଜୟପୁର, କୋରାପୁଟ ଏବଂ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ଚୂଡ଼ାନ୍ତ ପ୍ରାର୍ଥୀ ଘୋଷଣା କରିସାରିବା ପରେ ଏବେ ଦଳ ଭିତରେ କର୍ମୀଙ୍କ ବିଦ୍ରୋହ ତେଜିବାରେ ଲାଗିଛି। ଅସନ୍ତୁଷ୍ଟ କର୍ମୀ ଓ ଦଳୀୟ କର୍ମକର୍ତ୍ତା କୋରାପୁଟ ଲୋକସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ହୋଇଥିବା ଜୟରାମ ପାଙ୍ଗିଙ୍କ ଯୋଗୁଁ ଜିଲାରେ ଏଭଳି ସଦସ୍ୟା ଦେଇଛି, ସେ ସମ୍ପୂର୍ଣ୍ଣ ଦାୟୀ ବୋଲି ସିଧାସଳଖା ଅଭିଯୋଗ କରିଛନ୍ତି। ଏହାର ଉତ୍ତରରେ ପାଙ୍ଗି କହିଛନ୍ତି ଯେ, ଜୟପୁର, ପଟ୍ଟାଙ୍ଗି ଓ ରାୟଗଡ଼ାର ଦଳୀୟ ପ୍ରାର୍ଥୀ ଚୟନରେ ସଂଘ ପରିବାର ରିପୋର୍ଟକୁ ଭିତ୍ତି କରାଯାଇ ଟିକଟ ଦିଆଯାଇଛି। ଏଥିରେ ତାଙ୍କର କୌଣସି ଭୂମିକା ନାହିଁ ବୋଲି କହିଛନ୍ତି। ଅନ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସେ ଯେଉଁ ପ୍ରାର୍ଥୀଙ୍କ ନାମ ସୁପାରିଶ କରିଛନ୍ତି, ଦଳର ଜାତୀୟ ମୁଖ୍ୟଙ୍କ ପକ୍ଷରୁ ତଦନ୍ତ କରାଯାଇ ସେମାନଙ୍କୁ ଟିକଟ ପ୍ରଦାନ କରାଯାଇଛି। ଭିତିରିଆ ସଲାସୁତରାକୁ ପାଙ୍ଗୀ ଅସ୍ୱୀକାର କରିବା ସହ ତାଙ୍କୁ ବଦନାମ କରିବା ପାଇଁ ଏହା ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାଜପାର ଟିକଟ ବଣ୍ଟନରୁ ଉପୁଜିଥିବା ଅସନ୍ତୋଷ ଯୋଗୁ ଲକ୍ଷ୍ମୀପୁର ଭାଜପା କାର୍ଯ୍ୟାଳୟରେ ଭଙ୍ଗାରୁଜା କରାଯାଇଥିଲା। ସେହିପରି ଜୟପୁରରେ ବିଭିନ୍ନ କର୍ମକର୍ତ୍ତା ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏମ୍‌ପି ପ୍ରାର୍ଥୀ ପାଙ୍ଗି ପ୍ରଭାବିତ କରି ଏଭଳି ଚୟନ କରାଇଥିବା କର୍ମୀ ଅଭିଯୋଗ କରିଛନ୍ତି।

# ପ୍ରକାଶ, ପର୍ଶୁରାମଙ୍କ ପାଇଁ ସମ୍ମାନର ପ୍ରସଙ୍ଗ

■ ଗଡ଼ ଫେରାଇବାକୁ ସୁଯୋଗ ଅପେକ୍ଷାରେ ଉଲଧର

ଦିଲ୍ଲୀପ ଦାସ
ଚନ୍ଦାହାଣ୍ଡି,୨୪।୩

ନବରଙ୍ଗପୁର ଜିଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀ ଆସନକୁ ନେଇ ଭୋଟରଙ୍କ ମଧ୍ୟରେ ଅଧିକ ଚର୍ଚ୍ଚା ହେଉଛି । କାରଣ ଝରିଗାଁ ବିଧାନସଭା ଆସନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କ ନିର୍ବାଚନ ମଣ୍ଡଳୀ । ତାଙ୍କ ରାଜନୈତିକ ଜୀବନ ଏହିଠାରୁ ହିଁ ଆରମ୍ଭ ହୋଇଛି। ପୂର୍ବରୁ ଏହା ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ ଥିବାବେଳେ କଂଗ୍ରେସର ଗଡ଼ ଭାବେ ପରିଚିତ ଥିଲା । ସ୍ୱାଧୀନତା ପରଠାରୁ ଏହା କଂଗ୍ରେସ ହାତକୁ ଯାଉଥିଲା । ରମେଶ ମାଝିଙ୍କ ପିତା ସ୍ୱର୍ଗତ ଯାଦବ ମାଝି ୧୯୯୦ରେ ଏଠାରୁ ଜନତା ଦଳ ଟିକେଟରେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ବିଜୁ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ରାଷ୍ଟ୍ରମନ୍ତ୍ରୀ ମଧ୍ୟ ହୋଇଥିଲେ । ୧୯୯୫ରେ ଯାଦବ ମାଝି ପୁଣି ବିଜୟୀ ହୋଇଥିଲେ। ୧୯୯୯ରେ ତାଙ୍କର ପରଲୋକ ହୋଇଥିଲା। ୨୦୦୦ ନିର୍ବାଚନରେ ପୁଣି କଂଗ୍ରେସ ଏହି ନିର୍ବାଚନ ମଣ୍ଡଳୀ ଦଖଲ କରିଥିଲା। ଏଠାରୁ ଭୁଜବଳ ମାଝି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ୨୦୦୪ରେ ଡାବୁଗାଁରୁ ଅଲଗା ହୋଇ ଝରିଗାଁ ନିର୍ବାଚନ ମଣ୍ଡଳୀ ଗଠିତ ହୋଇଥିଲା। ସେବେଠୁ ରମେଶ ମାଝି ଏଠାରୁ ଲଗାତାର ବିଜୟ ଲାଭ କରି ହାଟ୍ରିକ୍ କରିଛନ୍ତି। ଚଳିତ ନିର୍ବାଚନରେ ରମେଶଙ୍କୁ ବିଜେଡି ନବରଙ୍ଗପୁର ଲୋକସଭା ପାଇଁ ପ୍ରାର୍ଥୀ କରିଥିବା ବେଳେ ଝରିଗାଁ ନିର୍ବାଚନ ମଣ୍ଡଳୀରୁ ତାଙ୍କ ସାନଭାଇ ପ୍ରକାଶ ଚନ୍ଦ୍ର ମାଝିଙ୍କୁ ପ୍ରାର୍ଥୀ କରିଛି। ଗତ ବିଧାନସଭା ନିର୍ବାଚନରେ ଅଳ୍ପ ଭୋଟ ବ୍ୟବଧାନରେ ପରାଜିତ ଉଲଧର ମାଝିଙ୍କୁ କଂଗ୍ରେସ ଏଥର ମଧ୍ୟ ପ୍ରାର୍ଥୀ କରିଛି। ଭାଜପା ପକ୍ଷରୁ ଟିକେଟ ପାଇଁ ନରସିଂହ ଭତ୍ରା, ମହେଶ୍ୱର ଭତ୍ରା, ଶ୍ୟାମ ମାଝି ଆଶାୟୀ ଥିଲେ। ସେମାନଙ୍କୁ ଟିକେଟ ଦିଆ ନ ଯାଇ ଶେଷ ମୁହୂର୍ତ୍ତରେ ନବରଙ୍ଗପୁର ଏମ୍‌ପି ଭାବେ ଭାଜପାରୁ ଦୁଇଥର ବିଜୟୀ ହୋଇଥିବା ପର୍ଶୁରାମ ମାଝିଙ୍କୁ ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ରଣାଙ୍ଗନରେ ଓହ୍ଲାଯାଇଛି। ଏଠାରୁ ୩ ପ୍ରମୁଖ ଦଳର ପ୍ରାର୍ଥୀ ଘୋଷଣା ହେବା ପରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ତେବେ ଅନ୍ୟ ପ୍ରାର୍ଥୀଙ୍କ ଅପେକ୍ଷା ପ୍ରକାଶ ମାଝିଙ୍କ ପାଇଁ ଏହା ସମ୍ମାନର ପ୍ରସଙ୍ଗ ହେବ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ତଥା ନିଜ ଭାଇ ମନ୍ତ୍ରୀ ରମେଶ ମାଝିଙ୍କ ଭାବମୂର୍ତ୍ତି ଓ ସଙ୍ଗଠନକୁ ପାଥେୟ କରି ସେ ନିର୍ବାଚନ ବୈତରଣୀ ପାର ହେବାକୁ ଲକ୍ଷ୍ୟ ରଖିଛନ୍ତି। ଅନ୍ୟପକ୍ଷରେ ଚାଷୀଙ୍କ କୃଷିଋଣ ଛାଡ଼, କୁଇଣ୍ଟାଲ ପିଛା ଧାନର ମୂଲ୍ୟ ୨୫ ଶହ ଟଙ୍କା, ବେକାରୀଙ୍କୁ ନିଯୁକ୍ତି, ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି, ବ୍ଲକରେ ପିସି କାରବାର, ଝରିଗାଁ ନିର୍ବାଚନ ମଣ୍ଡଳୀରେ ଶିକ୍ଷକ, ଡାକ୍ତର ସମସ୍ୟାକୁ ନେଇ ନିର୍ବାଚନୀ ପ୍ରସଙ୍ଗ କରିବେ ବୋଲି ଉଲଧର କହିଛନ୍ତି । ସେହିପରି ନରେନ୍ଦ୍ର ମୋଦୀଙ୍କ ବିକାଶମୂଳକ କାର୍ଯ୍ୟକ୍ରମ, ତେଲ ନଦୀ ଡ୍ୟାମ୍ ନିର୍ମାଣ କରି ଜଳସେଚନ ବ୍ୟବସ୍ଥା ଏବଂ ନିଜେ ଏମ୍‌ପି ଥିବା ସମୟରେ ନିର୍ବାଚନ ମଣ୍ଡଳୀରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ସବୁଠୁ ଅଧିକ ରାସ୍ତା ସଂଯୋଗୀକରଣ କରିଥିବାରୁ ବିଜୟୀ ହେବାର ଆଶା ରଖିଛି ବୋଲି ଭାଜପା ପ୍ରାର୍ଥୀ ପର୍ଶୁରାମ କହିଛନ୍ତି । ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଏବଂ ପୂର୍ବତନ ଏମପି ପ୍ରଦୀପ ମାଝିଙ୍କ ନିଜ ଅଞ୍ଚଳ ହୋଇଥିବାରୁ ଏହି ନିର୍ବାଚନ ମଣ୍ଡଳୀ ସମ୍ପୂର୍ଣ୍ଣ ରୋଚକ ସ୍ଥିତିରେ ଅଛି। ଏଥର ସ୍ଥାନୀୟ ଚେହେରା ଉପରେ ଭୋଟରଙ୍କ ଫୋକସ ରହିବ ବୋଲି ଚର୍ଚ୍ଚା ହେଉଛି।


ପର୍ଶୁରାମ ମାଝି


ପ୍ରକାଶ ଚନ୍ଦ୍ର ମାଝି


ଉଲଧର ମାଝି

### ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀ ରୂପରେଖ

ନବରଙ୍ଗପୁର ଲୋକସଭା କ୍ଷେତ୍ର ଅଧୀନରେ ରହିଛି ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀ। ଚନ୍ଦାହାଣ୍ଡି ବ୍ଲକର ୧୪ଟି ପଞ୍ଚାୟତ, ଝରିଗାଁ ବ୍ଲକର ୨୩ ଓ ଉମରକୋଟ ବ୍ଲକର ୧୫ ଟି ପଞ୍ଚାୟତର ମୋଟ ୨୫୬ଟି ବୁଥକୁ ନେଇ ଏହି ନିର୍ବାଚନ ମଣ୍ଡଳୀ ଗଠିତ । ଏହା ଆଦିବାସୀଙ୍କ ପାଇଁ ସଂରକ୍ଷିତ ରହିଛି ।

ମୋଟ ଭୋଟର ସଂଖ୍ୟା
୨,୦୭,୨୪୯
ମହିଳା ଭୋଟର ସଂଖ୍ୟା
୧,୦୪,୪୩୮
ପୁରୁଷ ଭୋଟର ସଂଖ୍ୟା
୧,୦୨,୮୦୪
ଅନ୍ୟାନ୍ୟ ଭୋଟର ସଂଖ୍ୟା
୭

### ୨୦୦୯ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ରମେଶଚନ୍ଦ୍ର ମାଝି | ୫୪,୭୬୭ |
| କଂଗ୍ରେସ | ଉଲଧର ମାଝି | ୩୨,୪୯୧ |
| ଭାଜପା | ସୋନା ମାଝି | ୧୩,୩୩୬ |

### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ରମେଶଚନ୍ଦ୍ର ମାଝି | ୬୫,୨୫୪ |
| କଂଗ୍ରେସ | ଉଲଧର ମାଝି | ୫୪,୦୫୮ |
| ଭାଜପା | କୁମର ପୂଜାରୀ | ୧୪,୦୧୧ |
| ନୋଟା | – | ୯୪୯୮ |

## ସଂକ୍ଷେପରେ

### କଂଗ୍ରେସର ମିଶ୍ରଣ ପର୍ବ



ତେନ୍ତୁଳିଖୁଣ୍ଟି,୨୪।୩(ଡି.ଏନ.ଏ)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଲମତାଗୁଡା ପଞ୍ଚାୟତର ଖୁଣ୍ଟିଆଗୁଡାରେ କଂଗ୍ରେସ ଦଳର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ ସଦନ ନାୟକଙ୍କ ଉପସ୍ଥିତିରେ ବହୁ ବିଜେଡି କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗରତ୍ନମ, ହରି ହରିଜନ, ଦାଶ ନାୟକ, କଂଗ୍ରେସ ପଞ୍ଚାୟତ ସଭାପତି ବିଦ୍ୟାଧର କନ୍ଧ ଗୌଡ, ଭୀମସେନ ପାଣିଗ୍ରାହୀ , ଜୋନ କଂଗ୍ରେସ ଉପସଭାପତି ଦୁର୍ଲଭ କନ୍ଧ ଗୌଡ, ସମ୍ପାଦକ ଚିଦାନନ୍ଦ ସାହୁ , ଚନ୍ଦ୍ର ଟାକ୍ରି ପ୍ରମୁଖ ଉପସ୍ଥିତ ଥିଲେ।

### ଜଙ୍ଗଲ ସୁରକ୍ଷା ନେଇ ଆଲୋଚନା

ବୁଗୁଡ଼ା,୨୪।୩(ଡି.ଏନ.ଏ.): ବୁଗୁଡ଼ା ବନ ବିଭାଗ ତରଫରୁ ତାଲଶାକର ମା' ମହାମାୟୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଦୁଃଶାସନ ନାୟକ, ମୁଖ୍ୟବକ୍ତା ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ଆଲଟିଆ, ପ୍ରମୋଦ କୁମାର ପଟ୍ଟନାୟକ, ରାମଚନ୍ଦ୍ର ଭୂୟାଁ ଯୋଗ ଦେଇଥିଲେ।

### ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କୁ ତାଲିମ



ଡାବୁଗାଁ, ୨୪।୩ (ଡି.ଏନ.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ସାଧାରଣ ନିର୍ବାଚନ ପାଇଁ ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଧିକାରୀ ମାନଙ୍କୁ ନେଇ ଏକ ତାଲିମ ଶିବିର ରବିବାର ଶେଷ ହୋଇଛି। ଏଥିରେ ଭୋଟ ଦାନ ଦିନ ଅଧିକାରୀମାନଙ୍କ କାର୍ଯ୍ୟାବଳୀ, ଇଭିଏମ ଓ ଭିଭିପାଟ ମେସିନ ଉପରେ ତାଲିମ ଦିଆଯାଇଥିଲା । ଶନିବାର ୪୨ ଜଣ ଓ ରବିବାର ୪୧ ଜଣଙ୍କୁ ତାଲିମ ଦିଆଯାଇଛି । ଏଥିରେ ପ୍ରଶିକ୍ଷକ ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ, ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା, ବିଡିଓ ରଞ୍ଜିତା ମେରୀ ନାୟକ, ତହସିଲଦାର ସୁବାସ ଚନ୍ଦ୍ର ସିଂ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କମଳାକାନ୍ତ ସ୍ୱାଇଁ, କମ୍ପ୍ୟୁଟର ପ୍ରୋଗ୍ରାମର ଏମ.ଜି. ଦେବାଶିଷ ଯୋଗ ଦେଇ ତାଲିମ ଦେଇଥିଲେ। ଏଥିରେ ୨ ଦିନରେ ମୋଟ ୮୩ ଜଣ ଅଧିକାରୀ ତାଲିମ ନେଇଥିଲେ।

# ଅଭିଜ୍ଞଙ୍କୁ ଟକ୍କର ଦେବେ ୨ ନୂଆମୁହଁ

**ପଟ୍ଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀ**

■ ବାଦ୍ ପଡ଼ିଲେ ପ୍ରଫୁଲ୍ଲ ପାଙ୍ଗି, ପ୍ରୀତମ ପାଢ଼ୀଙ୍କୁ ଟିକେଟ୍

ଶରତ ଧଳ
ପଟ୍ଟାଙ୍ଗି,୨୪।୩

ପଟ୍ଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପୂର୍ବରୁ ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେଡିରୁ କିଏ ପ୍ରାର୍ଥୀ ହେବ, ସେନେଇ ସସ୍‌ପେନ୍ସ ଜାରି ରହିଥିଲା। ରବିବାର ସନ୍ଧ୍ୟାରେ ସେହି କଳ୍ପନାଜଳ୍ପନାର ଅବସାନ ଘଟିଛି। ଏଥର ବିଧାୟକ ପ୍ରଫୁଲ୍ଲ ପାଙ୍ଗିଙ୍କୁ ବାଦ୍ ଦେଇ ବିଜେଡି ପ୍ରୀତମ ପାଢ଼ୀଙ୍କ ଏଠାରୁ ନିଜ ପ୍ରାର୍ଥୀ ଭାବେ ଘୋଷଣା କରିଛି। ଚଳିତ ଥର କଂଗ୍ରେସର ଅଭିଜ୍ଞ ପ୍ରାର୍ଥୀଙ୍କୁ ଟକ୍କର ଦେବେ ବିଜେଡି, ଭାଜପାର ନୂଆମୁହଁ। ତେଣୁ ୩ ପ୍ରମୁଖ ଦଳର ପ୍ରାର୍ଥୀ ସ୍ପଷ୍ଟ ହୋଇଯିବା ପରେ ଏବେ ଏଠାରେ ତ୍ରିମୁଖୀ ଲଢ଼େଇ ଆଶା କରାଯାଉଛି।

୧୯୫୧ରେ ପଟ୍ଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠିତ ହେବା ପରେ ୧୯୬୫/୬୬ରେ ଏହା ନନ୍ଦପୁର ନିର୍ବାଚନ ମଣ୍ଡଳୀ ଭାବେ ନାମିତ ହୋଇଥିଲା। ୧୯୭୭ରେ ପୁନର୍ଗଠନ ବେଳେ ଏହା ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ଭାବେ ସେବେଠାରୁ ରହିଆସିଛି। କୋରାପୁଟ ଜିଲାର ପଟ୍ଟାଙ୍ଗି, ନନ୍ଦପୁର, ସେମିଳିଗୁଡ଼ା ସମେତ କୋରାପୁଟ ବ୍ଲକର ଡୁମୁରିପଦର, ଲିଟିଗୁଡ଼ା, ମାଥାଲପୁଟ ଓ ମରିଚମାଳ ପଞ୍ଚାୟତକୁ ନେଇ ପଟ୍ଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠିତ ହୋଇଛି। ବିଗତ ଦଶନ୍ଧିରୁ ଏଠାରେ ବିଜେଡି ଓ କଂଗ୍ରେସ ମଧ୍ୟରେ ମୁଖ୍ୟତଃ ଲଢ଼େଇ ହୋଇଆସୁଛି। ପୂର୍ବରୁ ଦୁଇଥର ବିଧାୟକ ରହିଥିବା ରାମଚନ୍ଦ୍ର କାଡାମଙ୍କୁ କଂଗ୍ରେସ ତୃତୀୟ ଥର ପାଇଁ ଟିକେଟ ଦେଇଛି। ୨୦୦୯ରେ ସେ ବିଜେଡିର ପ୍ରଫୁଲ୍ଲ ପାଙ୍ଗିଙ୍କୁ ହରାଇ ବିଧାୟକ ହୋଇଥିଲେ। କାଡାମ ୪୧,୪୫୧ ଖଣ୍ଡ ଭୋଟ୍ ପାଇଥିବା ବେଳେ ପ୍ରଫୁଲ୍ଲଙ୍କୁ ୩୬,୦୧୫ ଖଣ୍ଡ ଭୋଟ୍ ମିଳିଥିଲା। ୨୦୧୪ ନିର୍ବାଚନରେ ଦୃଶ୍ୟପଟ୍ଟ ବଦଳି ଯାଇଥିଲା। କାଡାମଙ୍କୁ ହରାଇ ବିଧାୟକ ହୋଇଥିଲେ ପ୍ରଫୁଲ୍ଲ। କାଡାମ ୩୬,୦୭୫ ଖଣ୍ଡ ଭୋଟ୍ ପାଇଥିବା ବେଳେ ପ୍ରଫୁଲ୍ଲଙ୍କୁ ୪୬,୮୩୯ ଖଣ୍ଡ ଭୋଟ୍ ମିଳିଥିଲା। ଅନ୍ୟପକ୍ଷରେ ଭାଜପା ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପାଙ୍ଗିଙ୍କୁ ଏଠାରେ ପ୍ରାର୍ଥୀ କରିଛି। ସେ ଭାଜପା ଆଦିବାସୀ ସେଲ୍‌ର ଜିଲା ଉପସଭାପତି ଥିବାବେଳେ ବିଧାୟକ ପ୍ରାର୍ଥୀ ଭାବେ ପ୍ରଥମଥର ମଇଦାନକୁ ଓହ୍ଲାଇଛନ୍ତି। ବିଜେଡି ପାଇଁ ଏଠାରୁ ଆଶାୟୀ ଭାବେ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗିଙ୍କ ପୁଅ ଅଶୋକ ପାଙ୍ଗି ରହିଥିଲେ। କିନ୍ତୁ କଂଗ୍ରେସରେ ୧୦ ବର୍ଷ ସକ୍ରିୟ ଥିବା ପ୍ରୀତମ ପାଢ଼ୀ ଏଇ ମାସକ ତଳେ ବିଜେଡି ଯୋଗଦେଇ ଭୁବନେଶ୍ୱରରେ ଟିକେଟ୍ ପାଇଁ ଡେରା ପକାଇଥିଲେ। ଏବେ ବିଜେଡି ତାଙ୍କୁ ସୁଯୋଗ ଦେବା ପରେ ପ୍ରଥମଥର ପାଇଁ ସେ ଏଠାରୁ ବିଧାୟକ ପ୍ରାର୍ଥୀ ହେବେ। ବିଜେଡିର ଆନୁଷ୍ଠାନିକ ଘୋଷଣା ପରେ ପ୍ରୀତମଙ୍କ ପ୍ରାର୍ଥିତ୍ୱ ସ୍ପଷ୍ଟ ହୋଇଯାଇଥିବା ବେଳେ ଏବେ ପ୍ରଫୁଲ୍ଲ ପାଙ୍ଗିଙ୍କ ପକ୍ଷ କ'ଣ ରହିବ, ତାହା ଉପରେ ସମସ୍ତଙ୍କ ଦୃଷ୍ଟି ରହିବ। ଅନ୍ୟତମ ଆଶାୟୀ ଚୈତନ୍ୟ ନନ୍ଦବାଲି ଭୁବନେଶ୍ୱରରେ ଡେରା ପକାଇଥିଲେ ମଧ୍ୟ ସେ ନିରାଶ ହୋଇଛନ୍ତି। ତେବେ ସେ ନିଜ ସମର୍ଥକଙ୍କ ସହ ସୋମବାର ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିବେ ବୋଲି କହିଛନ୍ତି।

## ଯକ୍ଷ୍ମା ଦିବସରେ ସଚେତନତା ଶୋଭାଯାତ୍ରା



ଅତିଥିମାନେ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି ।

କୋରାପୁଟ,୨୪।୩(ସ୍ୱ.ପ୍ର.)

ସ୍ଥାନୀୟ ସିଡିଏମଓ କାର୍ଯ୍ୟାଳୟରେ ରବିବାର ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରିଛି ଜିଲା ସ୍ୱାସ୍ଥ୍ୟ ସମିତି। ଏହି ଅବସରରେ ଆୟୋଜିତ ସଚେତନତା ଶୋଭାଯାତ୍ରାକୁ ସିଡିଏମ୍‌ଓ ଦଧିବାମନ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। କୋରାପୁଟ ସରକାରୀ ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଓ କୋରାପୁଟ ନର୍ସିଙ୍ଗ କଲେଜର ଶତାଧିକ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସାମିଲ ହୋଇ ଯକ୍ଷ୍ମାମୁକ୍ତ ରାଷ୍ଟ୍ର ଗଠନ ପାଇଁ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ସିଡିଏମ୍‌ଓ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ସିଡିଏମଓ ଦଧିବାମନ ତ୍ରିପାଠି ଯୋଗଦେଇ କହିଥିଲେ, ୨୦୧୮ରେ କୋରାପୁଟ ଜିଲାରେ ୧୯୬୦ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିଲେ। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଜିଲାରେ ୪୬୦ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ତେଣୁ ଯକ୍ଷ୍ମାମୁକ୍ତ ବିଶ୍ୱ ଗଠନ ପାଇଁ ଏହା ପ୍ରକୃଷ୍ଟ ସମୟ ହୋଇଥିବା ବେଳେ ଏ ଦିଗରେ ଯୁବବର୍ଗଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଡଟ୍‌ସ ପଦ୍ଧତିରେ ଚିକିତ୍ସା ଦ୍ୱାରା ଯକ୍ଷ୍ମା ରୋଗର ନିରାକରଣ କରିହେବ ବୋଲି ସେ କହିଥିଲେ। କୋରାପୁଟ ସରକାରୀ ମହାବିଦ୍ୟାଳୟର ଯୁବ ରେଡକ୍ରସ ଆବାହକ ଡ. ପ୍ରକାଶ ପ୍ରଧାନ ଯୋଗଦେଇ ଯକ୍ଷ୍ମା ରୋଗର କାରଣ ଓ ନିରାକରଣ ଉପରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ସଂଯୋଜକଙ୍କ ସମେତ ବିଭାଗୀୟ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଏହି ଦିବସ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# କଂଗ୍ରେସ, ଭାଜପାର ମିଶ୍ରଣ ପର୍ବ



ଭାଜପା ନେତାମାନଙ୍କ ଗହଣରେ ଯୋଗ ଦେଇଥିବା ନୂତନ କର୍ମକର୍ତ୍ତା।



କଂଗ୍ରେସ ନେତାଙ୍କ ସହ ଦଳରେ ଯୋଗଦେଇଥିବା ନୂତନ କର୍ମୀ।

ନବରଙ୍ଗପୁର,୨୪।୩(ବି.ପ୍ର.)

ନବରଙ୍ଗପୁର କଂଗ୍ରେସ ଭବନ ଠାରେ ରବିବାର ବିଜେଡି ଛାଡି କଂଗ୍ରେସରେ ୧୧ ଜଣ କର୍ମୀ ଯୋଗ ଦେଇଛନ୍ତି । ଏହି ଅବସରରେ କଂଗ୍ରେସ ଭବନ ଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଭାପତି ମୁନା ତ୍ରିପାଠୀ, ପିସିସି କାର୍ଯ୍ୟକାରୀ ସଭାପତି ତଥା ନବରଙ୍ଗପୁର ଲୋକସଭା ପ୍ରାର୍ଥୀ ପ୍ରଦୀପ ମାଝୀ, ପିସିସି ସାଧାରଣ ସମ୍ପାଦକ ସରୋଜ ପାତ୍ର, ଜିଲା ଉପସଭାପତି ଦିଲ୍ଲିପ ବେହେରା, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପି. ନାଗରତ୍ନମ୍ମା, ନଗର ସଭାପତି ଉତ୍ତମ ତ୍ରିପାଠୀ ଯୋଗ ଦେଇଥିଲେ । ତେନ୍ତୁଳିଖୁଣ୍ଟି ବ୍ଲକର ବିଜେଡି ମହିଳା ସଭାନେତ୍ରୀ ପ୍ରମିଳା ସୋମନ୍ତରାୟ, ବିଜେଡି ଯୁବ ନେତା ରଞ୍ଜିତ ମହାକୁଡ, ବାରଙ୍ଗପଦରର ପୂର୍ବତନ ସରପଞ୍ଚ ବିଶ୍ୱନାଥ ସିଂ, ଯୁବକର୍ମୀ ଶେଖର ଖୁରା, ଅଜିତ ନାୟକ, ଜଗନ୍ନାଥ ନାୟକ, ନନ୍ଦ ଦାଶ, ଅଭିମନ୍ୟୁ ସାହୁ, ହୃଦାନନ୍ଦ ସାମନ୍ତରାୟ, ପି. କର୍କରା, ସଂଜୟ ନାୟକ ପ୍ରମୁଖ ୧୧ ଜଣ ବିଜେଡି ଛାଡି କଂଗ୍ରେସରେ ଯୋଗଦେଇଥିଲେ । ସମସ୍ତଙ୍କୁ ଦଳୀୟ ଉପଢୌକନ ଦେଇ ସ୍ୱାଗତ କରାଯିବା ସହ ଲୋକସଭା ଓ ବିଧାନସଭା ଆସନ କିଭଳି କଂଗ୍ରେସ ହାତକୁ ଆସିବ ସେନେଇ ଜିଲା ସଭାପତି ଆହ୍ୱାନ ଦେଇଥିଲେ । ସେହିଭଳି ସଦର ବ୍ଲକ ବିକ୍ରମ ଠାରେ ଭାଜପା ପକ୍ଷରୁ ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାଜପା ଲୋକସଭା ପ୍ରାର୍ଥୀ ବଳଭଦ୍ର ମାଝୀ, ବିଧାୟକ ପ୍ରାର୍ଥୀ ଗୌରୀ ଶଙ୍କର ମାଝୀ ଯୋଗ ଦେଇଥିଲେ । ଏଥିରେ ବିଜେଡି ଓ କଂଗ୍ରେସ ଦଳ ଛାଡି ୩୦ ଜଣ ଭାଜପାରେ ଯୋଗ ଦେଇଛନ୍ତି।

## ୪ ବଖରା ଜଳିଗଲା

ଶଙ୍କରାଖୋଲ,୨୪।୩(ଡି.ଏନ୍.ଏ.)

ଚକାପାଦ ବ୍ଲକ ପସରା ପଞ୍ଚାୟତ ନନ୍ଦିନୀ ଗ୍ରାମ ଡେପସାହିରେ ରବିବାର ଅପରାହ୍ନରେ ନିଆଁ ଲାଗି ଚାରି ପରିବାରର ୪ ବଖରା ଘର ଜଳିଯାଇଛି। କ୍ଷତିଗ୍ରସ୍ତ ହେଲେ ସନ୍ତୋଷ ଭୋଇ, ସୁରେସନ ଭୋଇ, ନେପାଳ ଭୋଇ, ଆଲୋକ ଭୋଇ। ସନ୍ତୋଷଙ୍କ ଘରେ ଗ୍ୟାସ ଚୁଲା ଜଳୁଥିବା ସମୟରେ ଅସାବଧାନତା କାରଣରୁ ନିଆଁ ଲାଗି ଚାରି ପରିବାରଙ୍କ ଘର ଜଳିଯାଇଥିଲା। ଚକାପାଦ ଅଗ୍ନିଶମ ବିଭାଗ ପହଞ୍ଚିଲା ବେଳେ ସବୁ ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଚକାପାଦ ତହସିଲଦାର ପ୍ରଣତି ପ୍ରୀୟ ଦର୍ଶିନୀ ରାଉତ, ଚକାପାଦ ଆର୍‌ଆଇ ଅଭିଷେକ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରୁ ପଲିଥିନ ଯୋଗାଇଛନ୍ତି। କ୍ଷତିଗ୍ରସ୍ତ ମାନେ ବିପିଏଲ୍ ପରିବାରର ହୋଇଥିବାରୁ ସେମାନଙ୍କୁ ଶୀଘ୍ର ଆବାସ ଗୃହ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଗଛ ଲଗାଇବାକୁ ଶପଥ

ଗଞ୍ଜାମ,୨୪।୩(ଡି.ଏନ.ଏ.)

ରମ୍ଭା ବନ୍ୟପ୍ରାଣୀ ଅଞ୍ଚଳ ପକ୍ଷରୁ ସନ୍ତୋଷପୁର ପଞ୍ଚାୟତ ହାଇସ୍କୁଲ ଠାରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସନ୍ତୋଷପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପୋଲାଇଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରମ୍ଭା ବନାଞ୍ଚଳ ଅଧିକାରୀ ନଗେନ କୁମାର ପଣ୍ଡା, ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ରମ୍ଭା ହାଇସ୍କୁଲ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଜଣେ ବ୍ୟକ୍ତି ଗୋଟିଏ ଗଛ ଲଗାଇବା ଏବଂ ତାହାର ଯତ୍ନ ନେବା ଲାଗି ସମସ୍ତେ ଶପଥ ନେଇଥିଲେ।

## ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

କୋଲାବନଗର,୨୪।୩(ଡି.ଏନ୍.ଏ.)

କୋରାପୁଟ ସଦର ଅନ୍ତର୍ଗତ କୋଲାବନଗରସ୍ଥିତ ସତ୍‌ସଂଘ କେନ୍ଦ୍ରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ତମ ଜନ୍ମ ମହୋତ୍ସବ ପାଳିତ ହୋଇଛି। ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସକାଳ ୫ଟାରେ ଉଷା କୀର୍ତ୍ତନ, ୬ଟାରେ ସମବେତ ପ୍ରାର୍ଥନା ମଧ୍ୟ, ୭ଟାରେ ସଦ୍‌ଗ୍ରନ୍ଥ ପାଠ କରାଯାଇଛି। ସକାଳ ୮ଟାରୁ ୯ଟା ୩୦ ଭିତରେ ସଂଗୀତାଞ୍ଜଳି ଅନୁଷ୍ଠିତ ହୋଇଛି। ଏହାପରେ ଏକ ରଥରେ ଠାକୁରଙ୍କୁ ଉପବିଷ୍ଟ କରାଯାଇ ନଗର କୀର୍ତ୍ତନ ସହିତ ନଗର ପରିକ୍ରମା କରାଯାଇଥିଲା। ସତ୍‌ସଙ୍ଗ ଓ ସଦାଲୋଚନା ଦିନ ୧୧ଟାରେ ଆରମ୍ଭ କରାଯାଇ ଅପରାହ୍ନ ୧ଟାରେ ଶେଷ ହୋଇଛି। ଦିନ ୧ଟାରେ ସମୂହ ଆନନ୍ଦବଜାର ଓ ପ୍ରସାଦ ସେବନ ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ଦାମନଯୋଡ଼ି, ସୁନାବେଡ଼ା, ସେମିଳିଗୁଡ଼ା, କୋରାପୁଟ, ଜୟପୁରରୁ ବହୁ ସଂଖ୍ୟାରେ ସତ୍‌ସଙ୍ଗୀ ଅଂଶଗ୍ରହଣ କରିଥିଲେ । ସତ୍‌ସଙ୍ଗରେ ବହୁ ରିତିକ୍ ଗୁରୁଦେବଙ୍କ ଆଦର୍ଶ ଉପରେ ସାରମର୍ମ ବକ୍ତବ୍ୟ ରଖିଥିଲେ। ଅପରାହ୍ନରେ ମାତୃ ସମ୍ମେଳନ ହୋଇଥିଲା।



ସଂକୀର୍ତ୍ତନ ମଣ୍ଡଳୀ ଅଞ୍ଚଳ ପରିକ୍ରମା କରୁଛନ୍ତି।

## କୋଟ୍‌ସରେ ଇଗ୍ନୋର ଅଧିଗ୍ରହଣ ଉତ୍ସବ

କୋରାପୁଟ,୨୪।୩(ସ୍ୱ.ପ୍ର.)



ଇଗ୍ନୋର କୋଟ୍‌ସସ୍ଥିତ ପାଠ୍ୟକେନ୍ଦ୍ରରେ ୨୦୧୯ ପାଇଁ ନୂତନ ଛାତ୍ରୀଛାତ୍ରଙ୍କ ଅଧିଗ୍ରହଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। କୋଟସ ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର ସହ ପ୍ରାଧ୍ୟାପକ କପିଳ ଖେମୁଣ୍ଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇଗ୍ନୋ ପାଠ୍ୟକ୍ରମକୁ ଏକ ସମୟ ଉପଯୋଗୀ ଶିକ୍ଷା ବ୍ୟବସ୍ଥା ବୋଲି ମତବ୍ୟକ୍ତ କରିଥିଲେ । ଇଗ୍ନୋ ଆଞ୍ଚଳିକ କେନ୍ଦ୍ରର ନିର୍ଦ୍ଦେଶକ ଡ. ରାଜଗୋପାଳ ମୁଖ୍ୟବକ୍ତା ଓ ଡ. ଜଗବନ୍ଧୁ ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଇଗ୍ନୋ ପାଠ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଇଗ୍ନୋର କୋଟସସ୍ଥିତ କେନ୍ଦ୍ର ସଂଯୋଜକ ଗୋପୀନାଥ ପ୍ରଧାନ କେନ୍ଦ୍ର ବିବରଣୀ ପାଠ କରିଥିଲେ ।

■ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା

# ପରୀକ୍ଷାରୁ ବଞ୍ଚିତ ଶିଶୁମନ୍ଦିର ଛାତ୍ରୀଛାତ୍ର

ବୈପାରୀଗୁଡ଼ା,୨୪।୩(ଡି.ଏନ୍.ଏ.)

ବୈପାରୀଗୁଡ଼ା ବ୍ଲକ ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଛି। ଷଷ୍ଠ ଶ୍ରେଣୀରେ ୮୦ଟି ସିଟ୍‌ରେ ନାମ ଲେଖାଇବା ପାଇଁ ୧୭୪ଟି ଫର୍ମ ଦାଖଲ ହୋଇଥିଲା। ଏଥିରେ ୧୩୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ବହୁ ଛାତ୍ରୀଛାତ୍ର ପରୀକ୍ଷା ସଂପର୍କରେ ଅବଗତ ନ ଥିବାରୁ ଆସି ନଥିବା ଅଭିଯୋଗ ହୋଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବୈପାରୀଗୁଡ଼ା ଶିଶୁ ମନ୍ଦିରର ଏନ୍‌ଓସି ନ ଥିବାରୁ ୭ ଜଣ ଛାତ୍ରୀଛାତ୍ର ଉକ୍ତ ପରୀକ୍ଷାରୁ ବଞ୍ଚିତ ହେବା ଘଟଣା ଅଭିଭାବକ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ସେମାନଙ୍କ ଅଭିଯୋଗ ହେଲା, ବିଦ୍ୟାଳୟର ଏନଓସି ନଥିବା ନେଇ ସେମାନଙ୍କ ପାଖରେ ସୂଚନା ନ ଥିଲା। ଆବେଦନ ଫର୍ମ ଦାଖଲ ସମୟରେ ଆଦର୍ଶ ବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ କିଛି କହି ନଥିଲେ । ତେବେ ପିଲାମାନେ ପରୀକ୍ଷା ଦେବା ପାଇଁ ଉକ୍ତ ବିଦ୍ୟାଳୟକୁ ଯାଇଥିବା ବେଳେ ସେମାନଙ୍କୁ ଫେରାଇ ଦିଆଯାଇଥିଲା। ଏ ସଂପର୍କରେ ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ, ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ ଏନ୍‌ଓସି ନ ଥିବାରୁ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେବାରୁ ବାଦ୍ ପଡ଼ିଥିବା କହିଥିଲେ। ଅପରପକ୍ଷରେ ସ୍ଥାନୀୟ ଶିଶୁମନ୍ଦିରରେ ଆବଶ୍ୟକ ସଂଖ୍ୟକ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ନ ଥିବାରୁ ଏନ୍‌ଓସି ମିଳୁ ନଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ବ୍ଲକ ସଦର ସ୍ଥିତ ଉକ୍ତ ପୁରୁଣା ବିଦ୍ୟାଳୟରେ ଅନ୍ୟ ସରକାରୀ ବିଦ୍ୟାଳୟ ତୁଳନାରେ ପାଠପଢ଼ା ଭଲ ହେଉଥିବାରୁ ବ୍ଲକ ସମେତ ଆଦିବାସୀ ପୁରପଲିରୁ ପିଲାମାନେ ଏଠାରେ ପଢ଼ିଥାନ୍ତି।

### ୪୭ ଛାତ୍ରୀଛାତ୍ର ଦେଇପାରିଲେନି ପରୀକ୍ଷା

ଚାନ୍ଦିଲି(କୋଟପାଡ଼),୨୪।୩(ଡି.ଏନ୍.ଏ.)

କୋଟପାଡ଼ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମଧ୍ୟ ଷଷ୍ଠ ଓ ନବମ ଶ୍ରେଣୀ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଷଷ୍ଠ ଶ୍ରେଣୀ ପାଇଁ ୪୨୪ ଓ ନବମ ଶ୍ରେଣୀ ପାଇଁ ୪୩ ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ତେବେ ୪ଟି ବେସରକାରୀ ବିଦ୍ୟାଳୟ ବିଦ୍ୟାରଶ୍ମି ଇଂଲିଶ ମିଡିୟମ, ସିଦ୍ଧାର୍ଥ ଇଂଲିଶ ମିଡିୟମ, ଭକ୍ତିସ୍ୱରୂପ ବିଦ୍ୟା ନିକେତନ ଓ ଅରବିନ୍ଦ ଶିକ୍ଷାକେନ୍ଦ୍ର ସରକାରୀ ମାନ୍ୟତା ପାଇ ନଥିବା ଦର୍ଶାଇ ୪୭ ଜଣ ଛାତ୍ରୀଛାତ୍ରଙ୍କ ଆବେଦନକୁ ନାକଚ କରାଯାଇଥିଲା। ଏ ସମ୍ପର୍କରେ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ କହିଥିଲେ ଯେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମୂହର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଚିଠି ନଂ ୭୩୭ ତା ୧୫-୩-୨୦୧୯ ପ୍ରକାରେ ମାନ୍ୟତା ପାଇ ନଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଆବେଦନକୁ ନାକଚ କରାଯାଇଛି। ସମ୍ପୃକ୍ତ ବିଦ୍ୟାଳୟ ସହ ଅଭିଭାବକମାନେ ଯୋଗାଯୋଗ କରିବାକୁ ସେ କହିଥିଲେ। ପ୍ରବେଶିକା ପରୀକ୍ଷାରେ ଷଷ୍ଠଶ୍ରେଣୀ ପାଇଁ ୩୮୨ ଓ ନବମ ଶ୍ରେଣୀ ପାଇଁ ୩୧ ଜଣ ପରୀକ୍ଷା ଦେଇଛନ୍ତି।

■ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଛି ଶିକ୍ଷା ବିଭାଗ

# ସରକାରୀ ଚିଠିକୁ ଜିଲା ଶିକ୍ଷା ବିଭାଗର ଅଣଦେଖା

**ଏନଓସି ନଥିବା ବିଦ୍ୟାଳୟ ଉପରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ହେଉନି**

ନବରଙ୍ଗପୁର,୨୪।୩(ବି.ପ୍ର.)

ନବରଙ୍ଗପୁର ଜିଲାରେ ଛତୁ ଫୁଟିଲା ଭଳି ଘରୋଇ ବିଦ୍ୟାଳୟ ଗୁଡିକ ଖୋଲୁଛି। ଘରୋଇ ବିଦ୍ୟାଳୟର ଏନଓସି ନଥିଲେ ଓଡିଶା ଆଦର୍ଶ ବିଦ୍ୟାଳୟ ଓ ନବଦୋୟ ବିଦ୍ୟାଳୟରେ ଆଡମିଶନ ପାଇଁ ଫର୍ମ ଆବେଦନ କରି ପାରିବେ ନାହିଁ ବୋଲି ଶିକ୍ଷା ବିଭାଗ ରୋକଠୋକ କହୁଛି । ଏଭଳି ସ୍ଥିତିରେ ଏନଓସି ନ ଥିବା ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନେ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ଘରୋଇ ବିଦ୍ୟାଳୟରେ ପାଠ ପଢାଇ ଅଭିଭାବକ ମଧ୍ୟ ଶୋଷିତ ହେଉଛନ୍ତି । ବାର୍ଷିକ ପରୀକ୍ଷା ଚାଲିବା ପୂର୍ବରୁ ଉନ୍ନୀତ ଶ୍ରେଣୀ ପାଇଁ ଜଏନିଂ ଓ ୩ ମାସର ଫି ଆଗୁଆ ଦେବାକୁ କେତେକ ଘରୋଇ ବିଦ୍ୟାଳୟ ଅଭିଭାବକଙ୍କୁ ନୋଟିସ କରିଥିବା ନଜିର ମଧ୍ୟ ରହିଛି । ଏସଓସି ଏବଂ ଆଫିଲେସନ ନଥାଇ ମଧ୍ୟ ବିଦ୍ୟାଳୟଗୁଡିକ ଡୋନେସନ ଫି ଆଦାୟ କରୁଛନ୍ତି । ଏନଓସି ଏବଂ ଆଫିଲେସନ ନଥିବା ଶିକ୍ଷାନୁଷ୍ଠାନ ଗୁଡିକ ବିଦ୍ୟାଳୟର ମାନ୍ୟତା କିଭଳି ପାଇଛି ତାହା ମଧ୍ୟ ତର୍ଜମା ଦେବା ଆବଶ୍ୟକ । ଏଭିଳି ସ୍ଥଳେ ଗଣଶିକ୍ଷାବିଭାଗ ଯୁଗ୍ମ ସଚିବ ଚଳିତ ମାସ ୧୬ ତାରିଖରେ ଚିଠି ନମ୍ବର ୭୩୫୨ରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଏନଓସି ନଥିବା ଘରୋଇ ବିଦ୍ୟାଳୟଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାପୂର୍ବରୁ ୨୦୧୭ ଅକ୍ଟୋବର ୨୫ତାରିଖ ପତ୍ର ସଂଖ୍ୟା ୨୦୧୬୪, ୨୦୧୭ ଡିସେମ୍ବର୨୨ ତାରିଖରେ ପତ୍ର ସଂଖ୍ୟା ୨୫୫୮୭ ଓ ୨୦୧୮ ନଭେମ୍ବର ୨୬ ପତ୍ର ସଂଖ୍ୟା ୨୪୧୩୯ରେ ରିପୋର୍ଟ ଦାଖଲ କରିବାକୁ ଜଣାଇଥିଲେ। ଯୁଗ୍ମ ସଚିବ ଚିଠିରେ ଦର୍ଶାଇଛନ୍ତି ଯେ ଅନେକ ଥର ରିପୋର୍ଟ ମଗାଯାଉଥିଲେ ମଧ୍ୟ କୌଣସି ଉତ୍ତର ସେମାନଙ୍କ ହସ୍ତଗତ ହୋଇ ନାହିଁ । ଏନେଇ ୭ ଦିନ ମଧ୍ୟରେ କାର୍ଯ୍ୟାନଷ୍ଠାନ ଗ୍ରହଣ କରାଯାଇଥିବା ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ପକ୍ଷେ ଏନଓସି ନ ଥିବା ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଅଭିଭାବକମାନେ ପାଠ ପଢାଇବେକି ନାହିଁ ସେନେଇ ସରକାର କୌଣସି ସଚେତନ ମଧ୍ୟ କରୁନାହାନ୍ତି। ଏନେଇ ଅଭିଭାବକ ଓ ଛାତ୍ରୀଛାତ୍ର ବିଭିନ୍ନ ସମୟରେ ହଇରାଣ ହେଉଛନ୍ତି । ଚଳିତ ବର୍ଷ ଓଡିଶା ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ର ଆବେଦନ କରି ପାରିଲେ ନାହିଁ । ଏନେଇ ଜିଲାର ବହୁ ଛାତ୍ରୀ ଛାତ୍ର ନାମଲେଖାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଅଭିଭାବକ ମାନେ ଶିକ୍ଷା ବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାର ରିପୋର୍ଟ ମାଗିଲେ ମଧ୍ୟ କାହା ସ୍ୱାର୍ଥରେ ଜିଲା ଶିକ୍ଷା ବିଭାଗ ଅଧିକାରୀମାନେ ବର୍ଷ ବର୍ଷ ଧରି ପ୍ରେରଣ କରୁନାହାନ୍ତି । କିଛି ଘରୋଇ ବିଦ୍ୟାଳୟ ସହ ଶିକ୍ଷା ବିଭାଗର ଭିତିରି ସମ୍ପର୍କ ରହିଥିବା ଏଥିରୁ ଅନୁମେୟ । ଜିଲା ଶିକ୍ଷା ବିଭାଗ ପ୍ରତି ରାଜ୍ୟ ଶିକ୍ଷା ବିଭାଗ କେବଳ ଚିଠି ଟିଏ କରି ଦେଇ ଚୁପ ରହୁଥିବାରୁ ପ୍ରକୃତରେ କାର୍ଯ୍ୟାନୁଷ୍ଠାନ ହୋଇ ପାରୁ ନାହିଁ । ଏନେଇ ରାଜ୍ୟ ଶିକ୍ଷା ବିଭାଗ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ରହିଛି । ଜିଲାରେ ୬୭ଟି ପ୍ରଥମରୁ ୧୦ମ ପର୍ଯ୍ୟନ୍ତ ଘରୋଇ ଶିକ୍ଷାନୁଷ୍ଠାନ ରହିଛି । ସମସ୍ତ ବିଦ୍ୟାଳୟ ଏନଓସି ପାଇଁ ଓପେପା ନିକଟରେ ଅନଲାଇନ ଆବେଦନ କରିଛନ୍ତି । ସେଥିମଧ୍ୟରୁ ୭ଟି ବିଦ୍ୟାଳୟ ୨୦୧୭ରେ ଏନଓସି ପାଇଛନ୍ତି । ଜିଲା ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ କରାଯିବା ପରେ ୩୭ଟି ବିଦ୍ୟାଳୟ ଅବଶ୍ୟକ କାଗଜପତ୍ର ଦେଇଥିଲେ । ଅନଲାଇନ ରିପୋର୍ଟ ଯିବା ପରେ ୫ଟି ବିଦ୍ୟାଳୟକୁ ଚଳିତ ବର୍ଷ ଏନଓସି ପ୍ରଦାନ କରାଯାଇଛି । ଏନେଇ ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ର ଶେଖର ପାଣିଗ୍ରାହୀଙ୍କୁ ପଚାରିବାରୁ ଜିଲାର ୧୨ଟି ବିଦ୍ୟାଳୟ ଏନଓସି ପାଇଛନ୍ତି । ଅନ୍ୟ ବିଦ୍ୟାଳୟ ଗୁଡିକ ଆବେଦନ କରିଛନ୍ତି । ଏନଓସି ପାଇଁ ଆବେଦନ କରିଥିବା ବିଦ୍ୟାଳୟ ଗୁଡିକର ତଦନ୍ତ ରିପୋର୍ଟ ସରକାରଙ୍କ ନିକଟକୁ ପଠାଯାଇଛି ବୋଲି କହିଛନ୍ତି।

